ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ମାର୍ଚ୍ଚ, ୨୦୨୩

## ଛପନ ପ୍ରହର କଳକୀ ମହାଯଜ୍ଞ ଶୁଭଖମ୍ଭ ସ୍ଥାପନ

ବୋଡ଼େନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ତୀର୍ଥକ୍ଷେତ୍ର ପାତାଳଗଙ୍ଗାଠାରେ ଛପନ ପ୍ରହର କଳକୀ ମହାଯଜ୍ଞ ଶୁଭଖମ୍ଭ ସ୍ଥାପନ ହୋଇଯାଇଛି। ଆସନ୍ତା ଚୈତ୍ର ଶୁକ୍ଳପକ୍ଷ ରାମ ନବମୀ ତିଥିରେ ଛପନ ପ୍ରହର ନମଯଜ୍ଞ ଅନୁଷ୍ଠିତ ହେବ। ଅନ୍ତପରିବାର ଆନୁକୁଲ୍ୟରେ କଳ୍କୀ ମହା ଯଜ୍ଞ ଅବସରରେ ଉକ୍ତ ଦିବସ ଧନମନ୍ତ ମାଝି, ଲଛମନ ମାଝି, ଶ୍ରୀକାନ୍ତ ମାଝି, ତୁଳରାମ ଚିନ୍ଦା, ବେଣୁ ମାଝି, ଧୀରେନ୍ଦ୍ର ମାଝି, ଦେବାଶିଷ ନାୟକ, କିଶୋର ମାଝି ପ୍ରମୁଖ ସହ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ମାନସିକ ରୋଗଙ୍କୁ ରାଶନ କାର୍ଡ ପ୍ରଦାନ ପାଇଁ ଅନୁରୋଧ



ଖଡ଼ିଆଳ,୧୩।୩(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁର ଅନ୍ତର୍ଯ୍ୟାମୀ ଯୋଶୀ। ସେ ଜଣେ ମାନସିକ ରୋଗୀ ଭାବେ ଏକୁଟିଆ ଘରେ ପଡି ରହିଛନ୍ତି। ତାଙ୍କ ସମ୍ପର୍କୀୟ ପୁତୁରା ଓ ତାଙ୍କ ସ୍ତ୍ରୀ ସହିତ ରହୁଥିବା ବେଳେ ସେମାନେ ମଧ ଦିବ୍ୟାଙ୍ଗ ଅଟନ୍ତି। ଦୁଇଜଣ କଥା କହି ପାରନ୍ତି ନାହିଁ କକା ଅନ୍ତର୍ଯ୍ୟାମୀ ଏବଂ ପୁତୁରା ଭତ୍ତା ପାଉଥିବା ବେଳେ ସେମାନଙ୍କ ରାଶନ କାର୍ଡ ନାହିଁ। ମାନସିକ ରୋଗୀ ଅନ୍ତର୍ଯ୍ୟାମୀ ଏବଂ ତାଙ୍କ ପୁତୁରାଙ୍କୁ ଦୁଇ ଗୋଟି ରାଶନ କାର୍ଡ ପ୍ରଦାନ କଲେ ଆବଶ୍ୟକ ଖାଦ୍ୟ ସାମଗ୍ରୀ ପାଇ ନିଜ ଗୁଜୁରାଣ ମେଣ୍ଟାଇବାକୁ ସହାୟତା ହେବ ବୋଲି ଜଣାପଡିଛି। ନିକଟରେ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଡାକ୍ତରୀ ଦଳ ଡ଼. ଅନ୍ନଦା ଶଙ୍କର ଦାଶଙ୍କ ନେତୃତ୍ୱରେ ବରଗାଁକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ମାନସିକ ରୋଗୀ ହେବାରୁ ତାଙ୍କୁ ଜିଲାସ୍ତରୀୟ ମାନସିକ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏକ ଭ୍ରାମ୍ୟମାନ ଚିକିତ୍ସା ଦଳ ଉପରୋକ୍ତ ଗ୍ରାମକୁ ପହଞ୍ଚି ଥିଲେ। ଡ଼ା.ଉମାକାନ୍ତ ମେହେରଙ୍କ ନେତୃତ୍ୱରେ ଦଳ ପହଞ୍ଚି ଏକ ମାସର ଔଷଧ ବଣ୍ଟନ କରିଥିବା ବେଳେ ନିୟମିତ ଔଷଧ ସେବନ କଲେ ଆରୋଗ୍ୟ ହେବ ବୋଲି ଡ଼ା. ମେହେର ପ୍ରକାଶ କରିଛନ୍ତି। ଏମାନଙ୍କ ରାଶନ ପ୍ରଶାସନ ବ୍ୟବସ୍ଥା କରିବା ପାଇଁ ଗୁହାରି କରିଛନ୍ତି।

### ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ

ଖଡ଼ିଆଳ,୧୩।୩(ଡି.ଏନ.ଏ.): ନୂଆପଡ଼ା ଖଡ଼ିଆଳ ବ୍ଲକ ବରଗାଁ ଗ୍ରାମ ପଞ୍ଚାୟତରେ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପାଧକ୍ଷ ଗୌତମ ତାଣ୍ଡି, ବିଡିଓ ବିରସେନ ବେହେରା, ଏପିଓ ପ୍ରଦୀପ ଓଝା ସମେତ ବ୍ଲକ ଅନ୍ୟାନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ପଞ୍ଚାୟତରେ ଜନଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ, ବୃଦ୍ଧାବୃଦ୍ଧ ଭତ୍ତା, ଭିନ୍ନକ୍ଷମ ଭତ୍ତା ଆଦି ୮୧ଟି ଅଭିଯୋଗ ଆସିଥିଲା। ଏସବୁ ସମସ୍ୟା ତୁରନ୍ତ ସମାଧାନ ପାଇଁ ବ୍ଲକ ଅଧକ୍ଷା, ବିଡିଓ, ସରପଞ୍ଚ ଅଭିଯୋଗକାରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପଞ୍ଚାୟତ କର୍ମକର୍ତ୍ତା ସୌରଭ ମେହେର, ରକ୍ଷ ନାଗ ଓ ସୁକୁ ବାଗ ସହଯୋଗ କରିଥିବା ବେଳେ ପିଇଓ ଦେବୀ ଚରଣ ମେହେର ଧନ୍ୟବାଦ ଦେଇଥିଲେ।

### ଭାଗବତ କଥାମୃତ ପରାୟଣ ପାଇଁ ପ୍ରସ୍ତୁତି

ଖଡ଼ିଆଳ,୧୩।୩(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚିନ୍ଦାଗୁଡା କ୍ଷାତ୍ରିୟ ପାଟଣା ଅଞ୍ଚଳ ପକ୍ଷରୁ ଭାଗବତ କଥାମୃତ ପାରାୟଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଚିନ୍ଦାଗୁଡାରେ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରବଚକ ଭାବେ ବଲାଙ୍ଗୀର ଜିଲାର ପରୀକ୍ଷିତ ମହାରାଜ ଯୋଗଦେଇ ପ୍ରବଚନ ଦେବେ ପ୍ରତ୍ୟେକ ଦିନ ପୁରାଣ ପାଠ ଓ ସତସଙ୍ଗ ହେବା କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି କମିଟି ସୂତ୍ରରୁ ପ୍ରକାଶ। ବୈଠକରେ କମିଟି ସଭାପତି ବିଶାମିତ୍ର ବିଶି, ଉପସଭାପତି ବଶିଷ୍ଠ ପ୍ରଧାନୀ, ସମ୍ପାଦକ, ଦେବେନ୍ଦ୍ର ମାଝି, ସହସମ୍ପାଦକ ପରମାନନ୍ଦ ପ୍ରଧାନୀ, କୋଷାଧକ୍ଷ ପଞ୍ଚାନନ ମାଝି, ଉପଦେଷ୍ଟା ମହେଶ୍ୱର ବାରିକ, ମକର୍ଧ୍ୱଜ ବାରିକ, ଲକ୍ଷ୍ମୀ ନାରାୟଣ ବିଶି, ଜିତେନ୍ଦ୍ର ବିଶି, କୁରେଶ୍ୱର ପ୍ରଧାନୀଙ୍କ ସମେତ ଚିନ୍ଦାଗୁଡା କ୍ଷାତ୍ରିୟ ପାଟଣା ଅଞ୍ଚଳ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଭାଗବତ ପାରାୟଣ ସପ୍ତାହର ଶୁଭାରମ୍ଭ

ରୂପ୍ରାରୋଡ,୧୩।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ତିତକେଲା ହନୁମାନ ମନ୍ଦିର ଛକଠାରେ ଏକ ସପ୍ତାହ ବ୍ୟାପୀ ଭାଗବତ ପାରାୟଣ ସପ୍ତାହ ଆରମ୍ଭ ହୋଇଯାଇଛି। ଆୟୋଜକ ସଦାନନ୍ଦ ବିଶାଳ ଓ ତିତକେଲା ଗ୍ରାମବାସୀଙ୍କ ସହଯୋଗରେ ଏହା ଆରମ୍ଭ ହୋଇଛି। ସୋନପୁର ଜିଲାରୁ ଆସିଥିବା ପାରାୟଣ ଗାୟକ ମଧୁସୁଦନ ଦାସଙ୍କ କଣ୍ଠରେ ପ୍ରତ୍ୟେକ ଦିବସରେ ଭାଗବତ ଗାନ କରାଯାଇ ଆଧାତ୍ମ ବିଚାର ଓ ବିବିଧ ଧାର୍ମିକ ଚିନ୍ତନର ବିଚାରକୁ ଶ୍ରୋତାମାନଙ୍କ ପାଖରେ ପହଞ୍ଚାଇବା ସହ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରାଯାଇଛି। ପୂଜା ସ୍ଥଳରେ ଚୂଡ଼ାମଣି ବିଶାଳ ଓ ସସ୍ମିତା ବିଶାଳ କର୍ତ୍ତା ଭାବେ ଯୋଗଦେଇଥିବା ବେଳେ ପୂଜାର୍ଚ୍ଚନା କାର୍ଯ୍ୟରେ ପୂଜକ ବିଷ୍ଣୁ ଚରଣ ପଣ୍ଡା କାର୍ଯ୍ୟ ନିର୍ବାହ କରିଛନ୍ତି।

# ୪ ଦିନ ପରେ ହଟିଲା ଆମରଣ ଅନଶନ



ପ୍ରତିଶ୍ରୁତି ପରେ ଆମରଣ ଅନଶନକାରୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି।

**ଉପଖଣ୍ଡସ୍ତରୀୟ ଡାକ୍ତରଖାନା ମାନ୍ୟତା, ଡାକ୍ତର ନିଯୁକ୍ତି ଦାବି ପ୍ରସଙ୍ଗ**

**■ଜିଲା ପ୍ରଶାସନ ପକ୍ଷରୁ ମିଳିଲା ପ୍ରତିଶ୍ରୁତି**

ଜୁନାଗଡ଼,୧୩।୩(ଡି.ଏନ.ଏ.)

କଳହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ମାନ୍ୟତା ଓ ଖାଲି ପଡିଥିବା ମେଡିସିନ ଓ ସର୍ଜରୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି ନେଇ ଜୁନାଗଡ଼ ସଚେତନ ସଂଗ୍ରାମ ସମିତି ପକ୍ଷରୁ ସ୍ଥାନୀୟ ଡାକ୍ତରଖାନା ସମ୍ମୁଖରେ ଗତ ୪ ଦିନ ଧରି ଆମରଣ ଅନଶନ ଚାଲିଥିଲା। ରବିବାର ରାତିରେ ଦାବି ପୂରଣ ପାଇଁ ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ଅନଶନ ହଟିଛି। ଏହାକୁ ନେଇ ଅନଶନକାରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାକେଶ ସାହୁ, ବରିଷ୍ଠ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ, ବରିଷ୍ଠ ମୁଖ୍ୟ ସହାୟକ ଅଭୟ କୁମାର ପଣ୍ଡାଙ୍କ ସମେତ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଥାନା ଭାରପ୍ରାପ୍ତ ଅଧିକାରୀ ଉତ୍ତମ ସାହୁ ପ୍ରମୁଖ ଅନଶନକାରୀଙ୍କ ସହ ୨ ଘଣ୍ଟା ଧରି ଆଲୋଚନା କରିଥିଲେ। ପରେ ଡାକ୍ତରଙ୍କ ଟ୍ରେନିଂ ପରେ ଅର୍ଥାତ ୧୫ ଦିନ ମଧ୍ୟରେ ରକ୍ତ ସଂରକ୍ଷଣ କେନ୍ଦ୍ର ଓ ଏକ୍ସରେ ମେଶିନ କାର୍ଯ୍ୟକ୍ଷମ, ସର୍ଜରୀ ସ୍ପେଶାଲିଷ୍ଟଙ୍କୁ ଜୁନାଗଡ଼ ଡାକ୍ତରଖାନାରେ ନିଯୁକ୍ତି, ଆନେସ୍ଥେସିୟା ଡାକ୍ତର ଧର୍ମଗଡ଼ରେ ରହି ଜୁନାଗଡ଼ରେ ମଧ ଜରୁରୀ ସେବା କରିବା ଓ ମେଡିସିନ ସ୍ପେଶାଲିଷ୍ଟ ଜିଲାରେ ଅଭାବ ଥିବାରୁ ଯଦି ବିକଳ୍ପ ଭାବେ ଏହି ବିଶେଷଜ୍ଞ ଡାକ୍ତର ଆଗ୍ରହ ପ୍ରକାଶ କରନ୍ତି ତାହାହେଲେ ତାଙ୍କୁ କଣ୍ଟ୍ରାକ୍ଟର ଚୁଆଲ ଭାବେ ନିଯୁକ୍ତି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ଉନ୍ନୀତ କରାଯିବା ପ୍ରସ୍ତାବ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କଠାରେ ପ୍ରସ୍ତାବ ପଠାଯିବ ବୋଲି ଏହି ପ୍ରତିନିଧ ଦଳ ସ୍ପଷ୍ଟ କରିଥିଲେ। ୫-ଟି ଅଧୀନରେ ଏହି ଡାକ୍ତରଖାନା ସାମିଲ ହୋଇଥିବାରୁ ଏହାର କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ। ଏହିସବୁ ଦାବି ୧୫ ଦିନ ମଧ୍ୟରେ ପୂରଣ ନ ହେଲେ ସଂଗ୍ରାମ ସମିତି ପକ୍ଷରୁ ପୁଣିଥରେ ଆନ୍ଦୋଳନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଦାବି ସମୂହ ପୂରଣ ପାଇଁ ସ୍ପଷ୍ଟ ହେବା ପରେ ଆମରଣ ଅନସନରେ ବସିଥିବା ଜୁନାଗଡ଼ ସଚେତନ ସଂଗ୍ରାମ ସମିତି ପୂର୍ବତନ ବ୍ଲକ ଅଧକ୍ଷ୍ୟ ରଶ୍ମିରଞ୍ଜନ ନାୟକ, ପ୍ରଭାତ ଦାସ ଉପସ୍ଥିତ ଜିଲା ପ୍ରତିନିଧି ଏବଂ ଉପସ୍ଥିତ କର୍ମକର୍ତ୍ତାଙ୍କ ଅନୁରୋଧକ୍ରମେ ସେମାନେ ଅନସନରୁ ଉଠିଥିଲେ। ଦୀର୍ଘ ୪ ଦିନର ଅନଶନ ପରେ ଡାକ୍ତରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡିଥିଲା। ଆଲୋଚନା ସମୟରେ ଜିଲା ପ୍ରତିନିଧିଙ୍କ ସମେତ ସଚେତନ ସଂଗ୍ରାମ ସମିତି ସଦସ୍ୟ ସମେତ ମଜଦୁର ସଂଘରୁ ବିରଞ୍ଚି ପଣ୍ଡା, ଗୋପବନ୍ଧୁ ସେବା ସଂସ୍ଥାର ରମେଶ ନାୟକ, ସାମ୍ବାଦିକ ସଂଘ ଓ ଓକିଲ ସଂଘରୁ ହିମାଂଶୁ ବରାଡ଼, ସମ୍ପାଦକ ନରେନ୍ଦ୍ର କ୍ଷୀତୀ, ଜିଲା ସମ୍ପାଦକ ସନ୍ତୋଷ ସିଂହଦେଓ, ରବି ସୁନାନୀ, ଉଗ୍ରେସନ କନ୍ଦପାନ, ଆଦିତ୍ୟ ମହାନ୍ତି, ସ୍ୱେଚ୍ଛାସେବୀ ବିଶ୍ୱନାଥ କର, ସଂଗ୍ରାମୀ ନେତା କୁବଳେଶ୍ୱର ପାଣିଗ୍ରାହୀ, ଅନୀଲ ପଣ୍ଡା, ସିପିଆଇରୁ ଦାମୋଦର ବେହେରା, କୈଳାସ ଖେମକା, ବିନୋଦ ପାଣିଗ୍ରାହୀ, ଶ୍ରୀବନ୍ତ ଭାର, ଯୁଧିଷ୍ଠିର ଦଣ୍ଡସେନା ଏବଂ ଅନେକ ସଙ୍ଗଠ କର୍ମକର୍ତ୍ତା ଓ ସହର ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଥିଲେ।

# ନୂଆପଡ଼ା ଜିଲାରେ ପୁଣି ବାଘ ଆତଙ୍କ

ନୂଆପଡ଼ା ଅଫିସ,୧୩।୩

ନୂଆପଡା ଜିଲାରେ ପୁଣି ବାଘ ଆତଙ୍କ ଦେଖା ଦେଇଛି। ଏହା ପୂର୍ବରୁ ଅନେକ ଥର ନୂଆପଡା ସଦର ବ୍ଲକ ହଳଦି ଓ ଲୋଡ୍ରା ଗ୍ରାମରେ ବାଘ ଆତଙ୍କ ଦେଖାଦେଇଥିବା ବେଳେ ବର୍ତ୍ତମାନ ନୂଆପଡା ବନାଞ୍ଚଳ ଆମାନାରା ବିଟର ମୁସରଙ୍ଗି ସଂରକ୍ଷିତ ଜଙ୍ଗଲ ଅଧୀନ ତରିଆ ମହୁଆଭଟା ଗ୍ରାମରେ ବାଘ ଆତଙ୍କ ଦେଖାଇଥିବା ଜଣାପଡିଛି। ବାଘ ଆତଙ୍କରେ ଅଧିକାଂଶ ଗ୍ରାମରେ ଦିନତମାମ ତାଟି କବାଟ ବନ୍ଦ ରହୁଛି। ବାଘ ଭୟରେ ଲୋକେ ନିଜ କ୍ଷେତ କିମ୍ବା ଦିନ ମଜୁରୀ କରି ଯାଇପାରୁନାହାନ୍ତି। ଗତ ୬ ତାରିଖରେ ବାଘ ଗୋଟିଏ ଗାଈକୁ ଶିକାର କରିଥିବା ବେଳେ ୮ରେ ଆଉ ଏକ ଗାଈ ଓ ୧୨ରେ ଏକ ବାଛୁରୀକୁ ଶିକାର କରିଛି। ତେବେ ଶିକାର କରିଥିବା ସ୍ଥାନରେ ପଡିଥିବା ପାଦ ଚିହ୍ନରୁ ଏହା ଏକ କଲରାପତରିଆ ବାଘ ବୋଲି ଆମାନାରା ବିଟ ବନପାଳ ଚୂଡ଼ାମଣି ସରାଫ ସ୍ପଷ୍ଟ କରିଛନ୍ତି। ବଡ ପାଦ ଚିହ୍ନ ସହ ଛୋଟ ବାଘର ପାଦ ଚିହ୍ନ ରହିଥିବାରୁ ମାଈ ବାଘ ସହିତ ଛୁଆ ମଧ ରହିଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ସମୟରେ ସମ୍ପୃକ୍ତ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ରାତ୍ରୀକାଳିନ ପାଟ୍ରୋଲିଂ ଜାରି ରକିବା ସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଇଛି। ମୁସରଙ୍ଗି ସଂରକ୍ଷିତ ଜଙ୍ଗଲତଳି ଗାଁ ପାସାମାରା, ଡାଲିପଖନା, କୋଟେନ, ଦଲଦଲି, ତରିଆ ମହୁଆଭଟା, ଆମାନାରା, ଜରିଡିହି, ପାତାଳଘୁଟକୁରି, ମୋହରାଡିହି, ପାୱାରତୋଳା ଆଦି ଗାଁଗୁଡିକରେ ବନବିଭାଗ କର୍ମଚାରୀମାନେ ଯାଇ ଲୋକଙ୍କୁ ସଚେତନ କରୁଛନ୍ତି। ରାତ୍ରିରେ କିମ୍ବା ଜରୁରୀ କାମ ନ ଥିଲେ ବାହାରକୁ ବାହରନ୍ତୁ ନାହିଁ। ଯଦି ବାହାରକୁ ଯାଉଛନ୍ତି ହାତରେ ଟର୍ଚ୍ଚଲାଇଟ ଓ ଗୋଷ୍ଠୀ ହୋଇ ଯାଆନ୍ତୁ ବୋଲି କୁହାଯାଉଛି। ସନ୍ଧ୍ୟା ହେଲେ ଗୃହପାଳିତ ପଶୁକୁ ସୁରକ୍ଷିତ ସ୍ଥାନରେ ବାନ୍ଧି ରଖିବାକୁ ସଚେତନ କରାଯାଉଛି। ବାଘ ଦିନରେ ପାଖ ଜଙ୍ଗଲକୁ ଚାଲି ଯାଉଛି ଓ ସନ୍ଧ୍ୟା ହେଲେ ଗାଁକୁ ଆସୁଛି। ବାଘର ଗତିବିଧି ଲକ୍ଷ୍ୟ ରଖି ଜଙ୍ଗଲକୁ ଘୋଡାଇବା ପାଇଁ ବନ ବିଭାଗ ସଜାଗ ରହିଛି।

# ୧୪ କି.ମି. ଖଟିଆରେ ବୁହା ହେଲେ ଛାତ୍ରୀ



ଛାତ୍ରୀଙ୍କୁ ଖଟିଆରେ ବୋହି ନିଆଯାଉଛି।

**ଗାଁକୁ ନାହିଁ ରାସ୍ତା**

ଭବାନୀପାଟଣା,୧୩।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ସୋମବାର ପୁଣି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ରାସ୍ତା ନ ଥିବାରୁ ଜରରେ ପୀଡିତ ଥିବା ଜଣେ ସ୍କୁଲ ଛାତ୍ରୀଙ୍କୁ ୧୪ କି.ମି. ଖଟିଆରେ ବୋହି ଡାକ୍ତରଖାନା ଅଣାଯାଇଛି। ଜିଲାର ଏମ. ରାମପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଉର୍ଲାଦାନୀ ଆଶ୍ରମ ସ୍କୁଲରେ ଏହି ଘଟଣାଟି ଘଟିଛି। ଏହି ସ୍କୁଲର ଜାମିନୀ ମାଝି ନାମକ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଜର ହୋଇଥିଲା। ସ୍କୁଲ ପ୍ରଧାନ ଶିକ୍ଷକ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାର ଲୋକେ ସ୍କୁଲକୁ ଆସି ଜାମିନୀଙ୍କୁ ନିଜ ଗାଁ ପୁଇଝରୀକୁ ନେଇଥିଲେ। ସୋମବାର ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ପରିବାରବର୍ଗ ତାଙ୍କୁ ଗାଁରୁ ୧୪ କି.ମି. ଖଟିଆରେ ବୋହି ଜଙ୍ଗଲ ରାସ୍ତା ଦେଇ ଉର୍ଲାଦାନୀ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ପରେ ସେଠାରୁ ଏମ୍. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ବର୍ତ୍ତମାନ ଛାତ୍ରୀଙ୍କ ଚିକିତ୍ସା ଚାଲିଥିବା ଜଣାପଡିଛି।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କୋକସରା,୧୩।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିବା ସହ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ସହ ଧର୍ମଗଡ ଉପଜିଲାପାଳ ବେଦ ଭୂଷଣ, ଏସ୍‌ପି ଅଭିଲାଷ ଜି, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡିଓ ଦେବବ୍ରତ କରାଟି ଓ ଜିଲାର ସମସ୍ତ ବିଭାଗ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଚାର ପ୍ରସାର ଅଭାବରୁ ଜନଶୁଣାଣିରେ ଅଳ୍ପ ସଂଖ୍ୟକ ଲୋକେ ନିଜର ଅଭିଯୋଗ କରିଛନ୍ତି। ପ୍ରମୁଖ ଅଭିଯୋଗ ମଧ୍ୟରେ ଆମପାଣି ଜିଲା ପରିଷଦ ହେମନ୍ତ ମାଝି ଗୋଟୋମୁଣ୍ଡା ଠାରେ ଏକ ଏସଏସଡି ସ୍କୁଲ ନିର୍ମାଣ ପାଇଁ ଲିଖିତ ଭାବେ ଜଣାଇଥିବା ବେଳେ ବୋବରିଆରୁ ବଡକେନ୍ଦୁଗୁଡା ଆର୍‌ଡି ରାସ୍ତା ମରାମତି, ବିଜୁ ଏକ୍ସପ୍ରେସ ୱେ ବଡ଼ କେନ୍ଦୁଗୁଡା ନିକଟରେ ସ୍କୁଲ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଫୁଟ ଓଭର ବ୍ରିଜ ନିର୍ମାଣ, କୋକସରାରେ ପାନୀୟ ଜଳ ସମସ୍ୟା, ବନ୍ଦ ପଡିଥିବା ମାଳପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳସେଚନ ପାଇଁ ନୂତନ କେନାଲ ପାଇଁ ମହିମା ପଞ୍ଚାୟତ ଚାଷୀଙ୍କ ଅଭିଯୋଗ କୋକସରାରେ ଅଚଳ ଥିବା ହାଇମ୍ୟାଷ୍ଟ ଲାଇଟ ମରାମତି, ନକଲି ଆଦିବାସୀ ସାର୍ଟିଫିକେଟରେ ଚାକିରୀ କରୁଥିବା ନେଇ ଅଭିଯୋଗ, ବିଦ୍ୟୁତ୍ ବିଲ ସମସ୍ୟା, ଲଡୁଗାଁରେ ଡ୍ରେନ ସମ୍ପ୍ରସାରଣ, ଲଡୁଗାଁ କୃଷକ ମଞ୍ଚର ସମ୍ପାଦକ ପଙ୍କଜ ଚୌଧୁରୀ ରବିଚାଷ ଧାନ ବିକ୍ରି ଅନ ଲାଇନରେ ପଞ୍ଜୀକରଣ ସମସ୍ୟା ନେଇ ଅଭିଯୋଗ ଆଣିଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନିୟମିତତା, ପିଡିଏସ, ଆୱାସ ଯୋଜନା ଓ ଅନ୍ୟାନ୍ୟ ଅଭିଯୋଗ ଉପରେ ହିତାଧିକାରୀମାନେ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରି ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୫୬ଟି ଅଭିଯୋଗ ଉପରେ ଜିଲାପାଳ ଶୁଣାଣି କରିଥିଲେ। ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ଏଫ୍‌ଆଇଆର୍ ଦେବାକୁ ଆସିଥିବା ବ୍ୟକ୍ତିଙ୍କୁ ଧମକ

**ପୋଲିସ ଏଏସ୍‌ଆଇଙ୍କ ଦବଙ୍ଗ ଗିରି**

ଭବାନୀପାଟଣା,୧୩।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନାରେ ଜଣେ ବ୍ୟକ୍ତି ଏଫ୍‌ଆଇଆର୍ ଦେବାକୁ ଆସିଥିବାବେଳେ କାର୍ଯ୍ୟରତ ପୋଲିସ ଏଏସଆଇ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ବ୍ୟକ୍ତି ସ୍ଥାନୀୟ ଥାନାରେ ସେହି ପୋଲିସ ଏଏସଆଇଙ୍କ ସମେତ ୨ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଟାଉନ ଥାନାରେ ଏକ ମାମଲା (ନଂ.୫୭/୨୩) ରୁଜୁ ହୋଇଛି। ଯାହାକି ଏବେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ଭବାନୀପାଟଣା ସହର ତାରେଣୀ ମନ୍ଦିର ପଡାର ଅଶୋକ ନେଗୀ ରବିବାର ଅପରାହ୍ନରେ ଘରେ ଥିଲେ। ଏହି ସମୟରେ ୨ଜଣ ବ୍ୟକ୍ତି ତାଙ୍କ ଘରକୁ ଯାଇ ୫୦ ହଜାର ଟଙ୍କା ମାଗିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଅଶୋକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ ଆସିଥିବାବେଳେ କାର୍ଯ୍ୟରତ ପୋଲିସ ଏଏସଆଇ ପଙ୍କଜ ତାଣ୍ଡି ତାଙ୍କୁ ଧମକ ଦେଇଥିବା ଓ ସମ୍ପୃକ୍ତ ୨ଜଣଙ୍କୁ ସମର୍ଥନ କରୁଥିବା ଅଭିଯୋଗ ଆଣିଛନ୍ତି। ଏ ନେଇ ଟାଉନ ଥାନା ଆଇଆଇସି ପ୍ରଦୀପ କୁମାର ଧରୁଆଙ୍କୁ ପଚାରିବାରୁ ଏହି ଘଟଣାରେ ସୋମବାର ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମ ପ୍ରବୀଣ କୁମାର ତାଣ୍ଡି। ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ।

# ନିଆଁ ଲାଗି ପୋଡ଼ିଗଲା କବାଡ଼ିଆ ଗୋଦାମ

ଗୋଲାମୁଣ୍ଡା,୧୩।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଡୁମୁରା ଗ୍ରାମ ନିକଟରେ ବିଜୁ ଏକ୍ସପ୍ରେସ ରାସ୍ତାକୁ ଲାଗି ଥିବା ଏକ କବାଡିଆ ଗୋଦାମରେ ସୋମବାର ମଧ୍ୟାହ୍ନରେ ନିଆଁ ଲାଗି ପୋଡ଼ିଯାଇଛି। ଫଳରେ ବହୁ ଜିନିଷ ନଷ୍ଟ ହୋଇଥିବା ବେଳେ ନିଆଁ କିଭଳି ଲାଗିଲା ତାହା ଏବେ ବି ଜଣା ପଡ଼ିନାହିଁ। ମଧ୍ୟାହ୍ନରେ ହଠାତ ନିଆଁ ଲାଗିଯାଇଥିବା ଗୋଦାମ ମାଲିକ ଚନ୍ଦ୍ରଶେଖର ତେଜି ଦେଖିବାକୁ ପାଇଥିଲେ। ତୁରନ୍ତ ଗୋଲାମୁଣ୍ଡା ଅଗ୍ନିଶମ ବାହିନୀକୁ ଫୋନ କରିଥିଲେ। ଘଟଣାସ୍ଥଳରେ ତୁରନ୍ତ ଅଗ୍ନିଶମ ବାହିନୀର ଦୁଇଟି ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ନିଆଁ ନ ଲିଭିବାରୁ ଧର୍ମଗଡ଼ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ସେଠାରୁ ଅଗ୍ନିଶମ ବାହିନୀର ଗାଡି ପହଞ୍ଚିଲା। ୩ଟି ଅଗ୍ନିଶମ ବାହିନି ଦ୍ୱାରା ଦୀର୍ଘ ୫ ଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁ ଲାଗିବା ଦ୍ୱାରା ଲକ୍ଷାଧିକ ଟଙ୍କାର ବିଭିନ୍ନ ପ୍ରକାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ସୁରକ୍ଷା ଦୃଷ୍ଟିକୁ ଦେଖି ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଶୁଣାଣି ଶିବିର

ନୂଆପଡ଼ା ଅଫିସ,୧୩।୩

ନନୂଆପଡା ଜିଲା କୋମନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଯୁଗ୍ମଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶବିରରେ ଜିଲାପାଳ ହେମକାନ୍ତ ସାଏ, ନୂଆପଡା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର, କୋମନା ପଞ୍ଚାୟତ ସମିତ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିରରେ ପ୍ରାୟ ୩୪ଜଣ ଅଭିଯୋଗକାରୀ ନିଜର ସମସ୍ୟା ନେଇ ଜିଲାପାଳଙ୍କଠାରେ ଦାଖଲ କରିଥିଲେ। ଜିଲାପାଳ ସାଏ ଓ ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ଲୋକଙ୍କ ଅଭିଯୋଗ ଶୁଣିବା ସହ ତୁରନ୍ତ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଲୋକଙ୍କ ଅଭିଯୋଗ ଜିଲାପାଳ ଶୁଣୁଛନ୍ତି।

# ତହସିଲ ସମ୍ମୁଖରେ ଗଣବିକ୍ଷୋଭ, ଦାବିପତ୍ର

ଭବାନୀପାଟଣା,୧୩।୩(ସ୍ୱ.ପ୍ର.)




ସିପିଆଇ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

**ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ଅବହେଳାର ପ୍ରତିବାଦ**

ପୁରୁଷ ପୁରୁଷ ଧରି ଆଦିବାସୀମାନେ ଦଖଲ କରି ଆସୁଥିବା ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ଅବହେଳା କରାଯାଉଛି। ଏହାର ପ୍ରତିବାଦରେ ସୋମବାର ଭବାନୀପାଟଣା ତହସିଲ ସମ୍ମୁଖରେ ଗଣବିକ୍ଷୋଭ କରିଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)। ଏହି ଅବସରରେ ସ୍ଥାନୀୟ ବଡପଡା ଛକଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା କରାଯାଇଥିଲା। ପରେ ସେଠାରେ ଗଣବିକ୍ଷୋଭ କରାଯାଇଥିଲା। ରାଜ୍ୟରେ ଆଦିବାସୀଙ୍କ ବିକାଶ ଓ ଜୀବନ ଜୀବିକା ଏବେ ବିପର୍ଯ୍ୟସ୍ତ। ଜଙ୍ଗଲ ପରିବଶରେ କେଉଁ ଆଦିମ କାଳରୁ ରହୁଥିବା ଆଦିବାସୀମାନେ ଶାନ୍ତ ସରଳ ଓ ପ୍ରକୃତୀ ପ୍ରେମୀ। ଜଙ୍ଗଲ ଜମି ସହିତ ଏମାନଙ୍କ ସମ୍ପର୍କ ଶହ ଶହ ବର୍ଷର। ପୁରୁଷ ପୁରୁଷ ଧରି ଯେଉଁ ଦଖଲ ଜଙ୍ଗଲ ଜମିରେ ବସବାସ କରୁଛନ୍ତି ସେ ଜମି ତାଙ୍କର ବୋଲି ସମ୍ବିଧାନର ଆଇନ କହୁଛି। ଏପରିକି ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ ଓ ଡବ୍ଲୁଓଙ୍କ ସହ ଯୋଗରେ ଦଖଲ ଜଙ୍ଗଲ ଜମିର ପଟ୍ଟା ଦେବାର ବ୍ୟବସ୍ଥା ରହିଛି। ହେଲେ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ସେମାନେ ନିଜ ହକ ପାଇ ପାରୁନାହାନ୍ତି। ତେଣୁ ନିରୀହ ଆଦିବାସୀଙ୍କୁ ସେମାନଙ୍କୁ ଦଖଲ ଜଙ୍ଗଲ ଜମିଟର ପଟ୍ଟା ପ୍ରଦାନ କରି ତାଙ୍କ ଜୀବନ ଜୀବିକାର ସୁରକ୍ଷା ଦିଅନ୍ତୁ ବୋଲି ଦାବି କରାଯାଇଛି। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ସିପିଆଇର ଜିଲା ସମ୍ପାଦକ ଜଗଦିଶ ଦୁର୍ଗା, ପୂର୍ବତନ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏଆଇଏସଏଫ୍ ଜିଲା ସଭାପତି ରାଜାରାମ ଡଙ୍ଗରୀ, ସିପିଆଇର ଜିଲା ସହ ସମ୍ପାଦକ ସଞ୍ଜୟ ସୁନାନୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ବେହେରା, ଜିଲା ପରିଷଦ ସଭ୍ୟ ବିନ୍ତା ମାଝି, ଜୁନାଗଡ ଜୋନ ସମ୍ପାଦକ ବାନାମ୍ବର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ବେକରେ ରଶିଦେଇ ଯୁବତୀଙ୍କ ଆତ୍ମହତ୍ୟା

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଧୀନ ହଳଦୀ ଗ୍ରାମରେ ସୋମବାର ସନ୍ଧ୍ୟାରେ ଜଣେ ଯୁବତୀ ବେକରେ ରଶିଦେଇ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ମମତା ମାଝି(୨୦) ଡିଏଭି କଲେଜରେ ଯୁକ୍ତ ୩ରେ ପଢୁଥିଲେ। ସୋମବାର କଲେଜରୁ ଆସିବା ପରେ ସନ୍ଧ୍ୟାରେ ପାଇଖାନାରେ ନିଜ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଖବର ପାଇ ମୁରିବାହଲ ଥାନା ଅଧିକାରୀ କମଳ ଲୋଚନ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସଂକ୍ଷେପରେ

## ୱାର୍ଡ କୋଅର୍ଡିନେଟର ପଦବୀ ଚୟନରେ ଅନିୟମିତତା

ଖଡ଼ିଆଳ,୧୩।୩(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସି ଅଧୀନ ୧୩ଟି ୱାର୍ଡ ପାଇଁ ହୋଇଥିବା ୱାର୍ଡ କୋଅର୍ଡିନେଟର ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଚଳିତବର୍ଷ ଉକ୍ତ ଏନ୍‌ଏସିରେ ୧୩ଟି ୱାର୍ଡ ପଦବୀ ପାଇଁ ସହରର ୧୩ଟି ୱାର୍ଡ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟମାନେ ଆବେଦନ କରିଥିଲେ। ଯାଞ୍ଚ ପ୍ରକ୍ରିୟାରେ ନୂଆପଡା ଉପଜିଲାପାଳଙ୍କ ସମେତ ସିଡିପିଓ, ଅତିରିକ୍ତ ତହସିଲଦାର, ଖଡ଼ିଆଳ ଏନ୍‌ଏସି ସିଇଓ ସୁରଭି ପାଣିଗ୍ରାହୀ, ୱାର୍ଡ କୋଅର୍ଡିନେଟର ଦାୟିତ୍ୱରେ ଥିବା ଅଧିକାରୀ ସୁନୀଲ ନାଏକ ସାମିଲ ହୋଇଥିଲେ। ଏହି ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରିକି ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ଏନ୍‌ଏସି ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସକ୍ରିୟ ସଦସ୍ୟଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯିବା ନିୟମ ରହିଛି। ହେଲେ ଏନ୍‌ଏସି ଅଧୀନ ମହିଳାଙ୍କୁ ନିଯୁକ୍ତି ଦେବା ବଦଳରେ ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଚୟନ କରାଯାଇଥିବା ଅଭିଯୋଗ ହୋଇଛି। ଆବେଦନକାରୀଙ୍କ ଶିକ୍ଷ୍ୟାଗତ ଯୋଗ୍ୟତା ଏବଂ କାଗଜପତ୍ର ମଧ ଠିକ ରହିଛି। ହେଲେ ସେମାନଙ୍କୁ ଜାଣିଶୁଣି ଚୟନରେ ବାଦ ଦିଆଯାଇଥିବା ଅଭିଯୋଗ ହୋଇଛି। ଯୋଗ୍ୟତା ନ ଥିବା ମହିଳାଙ୍କୁ କିଭଳି ଚୟନ କରାଗଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲାପାଳ ତୁରନ୍ତ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ କମିଟି ଦ୍ୱାରା ତଦନ୍ତ କରିବା ସହ ପଦକ୍ଷେପ ନେବାକୁ ଆବେଦନକାରୀମାନେ ଦାବି କରିଛନ୍ତି। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ ପରେ ଜିଲାପାଳଙ୍କୁ ଏହାର ତଥ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

# ନିଶା ବେପାରୀଙ୍କ ଟାର୍ଗେଟରେ ଯୁବବର୍ଗ


କଫସିରଫ କାରବାରରେ ଗିରଫ ଅଭିଯୁକ୍ତମାନଙ୍କଠାରୁ ଜବତ ବନ୍ଧୁକ, ମାରଣାସ୍ତ୍ର ଓ ମୋବାଇଲ।

**ନିଶା ବେପାରୀଙ୍କ ଟାର୍ଗେଟରେ ରହିଛନ୍ତି ଉଭୟ ଶିକ୍ଷିତ ଏବଂ ଅଶିକ୍ଷିତ ଯୁବକ। ବଲାଙ୍ଗୀର ସମେତ ଓଡ଼ିଶାର ଅଧିକ ସଂଖ୍ୟକ ଯୁବତୀ, ଯୁବକ ନିଶାସେବନରେ ମାତିଛନ୍ତି। ନିଶା ଯୋଗୁ ସେମାନଙ୍କର ବହୁମୂଲ୍ୟ ଭବିଷ୍ୟତ ନଷ୍ଟ ହେବାର ଆଶଙ୍କା ରହୁଛି। ଏହି ଯୁବତୀ, ଯୁବକଙ୍କୁ ନିଶାସେବନରୁ ଛଡାଇବାକୁ ହେଲେ ରାଜ୍ୟ ତଥା ଦେଶରେ ଜାଲ ଭଳିଆ ବିଛାଇ ହୋଇଥିବା ଡ୍ରଗ୍ସ ନେଟୱର୍କକୁ ଭେଦ କରିବାକୁ ହେବ। ବଲାଙ୍ଗୀର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଭାବେ ସ୍କ୍ୱାଡ ଗଠନ କରାଯାଇ ଉପରୁ ତଳକୁ ଲମ୍ବିଥିବା ଡ୍ରଗ୍ସ ନେଟ୍‌ୱର୍କର ପର୍ଦ୍ଦାଫାଶ କରିବା ପ୍ରୟାସ ଆରମ୍ଭ କରାଯାଇଛି।**

### କଫ୍ ସିରପ କାରବାରରେ ୫ମହିଳା ଗିରଫ

ବଲାଙ୍ଗୀର ଅଫିସ, ୧୩।୩

ସୋମବାର କଫ୍ ସିରପ କାରବାରରେ ବଲାଙ୍ଗୀର ପୋଲିସ ୩୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧରେ ୫ ଜଣ ମହିଳା ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ଚୌଦ୍ୱାରର ମହିମା ରାଉତ (୨୪), ବଲାଙ୍ଗୀର ସହର ବରପାଲିପଡାର ଯାଜ୍ଞସେନୀ ମେହେର (୪୫), ଶାନ୍ତିଲତା ଜେନା (୩୫), କନ୍ଧପାଲିପଡାର ଡାଲିମ୍ବ ବାରିବ (୬୦) ଓ ତାଳପାଲିପଡାର ମମତା କୁମ୍ଭାର (୩୩)। ପୋଲିସ ଟିମ୍ ସୋମବାର ଏମାନଙ୍କୁ ଘରୁ ଉଠାଇ ଆଣିବା ପରେ ପଡାରେ ଚହଳ ପଡିଯାଇଥିଲା। ଉପରୋକ୍ତ ମହିଳାମାନେ କଫ ସିରପ ଆଣି ବିକ୍ରି କରୁଥିଲେ। ଲିଙ୍ଗଗତ ବିଭେଦ ଉର୍ଦ୍ଧ୍ୱରେ ଏହି କାରବାରରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଆଗକୁ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏସ୍‌ପି କୁଶଲକର କଡା ଚେତାବନୀ ଦେଇଛନ୍ତି।

### ପ୍ରଶାନ୍ତ କ୍ଷେତୀଙ୍କ ପାଖରୁ ବନ୍ଧୁକ ଜବତ

ବଲାଙ୍ଗୀରର ଚର୍ଚ୍ଚିତ କଫ୍ ସିରପ ମାଫିଆ ପ୍ରଶାନ୍ତ କ୍ଷେତୀଙ୍କ ପାଖରୁ ପୋଲିସ ଟିମ୍ ଏକ ଦେଶୀ ବନ୍ଧୁକ ଜବତ କରିଛି। ପୂର୍ବରୁ ମଧ ବହୁବାର ପ୍ରଶାନ୍ତ ଗିରଫ ହୋଇଛନ୍ତି। ଜାମିନରେ ବାହାରିବା ପରେ ସେ ପୁଣି କଫ୍ ସିରପ କାରବାର ଚଳାଇଥିବା ପୋଲିସ ଜାଣିପାରିଛି।

### ଚର୍ଚ୍ଚାରେ ତୋଫାନ୍ ବନାମ ତୋଫାନ

ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର କଫ୍ ସିରପ ଚୋରାଚାଲାଣକାରୀଙ୍କ ବିରୋଧରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରିଛନ୍ତି। ଏହି ସ୍କ୍ୱାଡରେ ସଦର ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ଟିମ୍ ଲିଡର ରଖାଯାଇଛି। ତାଙ୍କ ନେତୃତ୍ୱରେ ଏହି ସ୍କ୍ୱାଡ ରାଜ୍ୟ ବିଭିନ୍ନ ସ୍ଥାନକୁ ଯାଇ ଚଢ଼ାଉ କରି ବିପୁଳ ପରିମାଣର କଫ୍ ସିରପ ଜବତ କରିବା ସହ ୩୭ ଜଣଙ୍କୁ ଗିରଫ କରିଛି। ଏହି ଚୋରା କଫ୍ ସିରପ କାରବାରର ଅନ୍ୟତମ ପେଣ୍ଠସ୍ଥଳୀ ପାଲଟିଛି କଟକ। କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାରର ତୋଫାନ୍ ବଡ଼େଇ କଫ୍ ସିରପ କାରବାରର ଜଣେ ମୁଖ୍ୟ ଅଭିଯୁକ୍ତ। ଅଭିଯୁକ୍ତ ବଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଫ୍ ସିରପ କାରବାର ଚାଲିଥିବାବେଳେ ସଦର ଏସଡିପିଓ ତୋଫାନ୍ ବାଗଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଆଣ୍ଟିକଫ୍ ସିରଫ ଅପରେଶନ୍ ସ୍କ୍ୱାଡ ପରିଚାଳିତ ହେଉଛି। ଏନେଇ ଜଣାପଡିବା ପରେ ଏବେ ତୋଫନ୍ ବନାମ ତୋଫାନ ଆଲୋଚନାର ବିଷୟ ହୋଇଛି।

### ସମ୍ମିଳିତ ପଦକ୍ଷେପ ନିଶାମୁକ୍ତ ବଲାଙ୍ଗୀର ଗଢ଼ିବ: ଏସ୍‌ପି


ବଲାଙ୍ଗୀର ଏସପି ନୀତିନ କୁଶଲକର।

ବଲାଙ୍ଗୀର ପୋଲିସ ନିଶା କାରବାର ନେଟ୍‌ୱର୍କର ପର୍ଦ୍ଦାଫାଶ କରିବା ପ୍ରୟାସ ଆରମ୍ଭ କରିଛି। ମାତ୍ର ଜନସାଧାରଣ ଓ ସିଭିଲ ସୋସାଇଟିର ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ମିଳିତ ଭାବେ ପୋଲିସ, ଜିଲା ପ୍ରଶାସନ ଏବଂ ସିଭିଲ ସୋସାଇଟି କାର୍ଯ୍ୟ କଲେ ନିଶା ସେବନରୁ ଯୁବକ, ଯୁବତୀଙ୍କୁ କ୍ଷାନ୍ତ କରାଯାଇ ପାରିବ ବୋଲି ଏସ୍‌ପି ନୀତିନ କୁଶଲକର କହିଛନ୍ତି। ଆଗକୁ ମଧ ଆଣ୍ଟିଡ୍ରଗ୍ସ ଅପରେଶନ ଜାରି ରହିବ। ଜିଲା ପ୍ରଶାସନ ପକ୍ଷରୁ ନିଶାଗ୍ରସ୍ତ ଯୁବକଙ୍କ ନିଶାମୁକ୍ତି ପାଇଁ ଡିଆଡିକ୍ଟ ସେଣ୍ଟର ଖୋଲାଯିବା ଦିଗରେ ପଦକ୍ଷେପ ନିଆଯିବ। ଖୁବ୍‌ଶୀଘ୍ର ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ନିଶାଗ୍ରସ୍ତ ଯୁବକ ଏବଂ ବ୍ୟକ୍ତିଙ୍କୁ ସ୍ୱାଭାବିକ କରିବା ପାଇଁ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଭବିଷ୍ୟତରେ ଯେଭଳି ବଲାଙ୍ଗୀରରେ ଆଉ ନିଶା ବେପାର ଚାଲିବ ନାହିଁ ସେ ଦିଗରେ ମଧ ଯୋଜନା କରାଯିବ ବୋଲି କହିଛନ୍ତି। ତେବେ ଏଦିଗରେ ସିଭିଲ ସୋସାଇଟିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନିର୍ବାହ କରିବା ଦିଗରେ ଅଭିଭାବକ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଏବ ଜନସାଧାରଣଙ୍କୁ ସହୃଦୟତାର ସହ କାର୍ଯ୍ୟ କରିବାକୁ ପଡିବ ବୋଲି ସେ କହିଛନ୍ତି।

### କଫ୍ ସିରପ କାରବାରରେ ଏକକାଳୀନ ୩୭ ଗିରଫ

ପ୍ରଥମ ଦଫାରେ ବଲାଙ୍ଗୀର ପୋଲିସ ବେଆଇନ କଫ୍ ସିରପ ବେପାରୀଙ୍କୁ କଡା ଜବାବ ଦେଇଛି। ଏକକାଳୀନ ରେକର୍ଡ ସଂଖ୍ୟକ ୩୭ ଜଣଙ୍କୁ ଗିରଫ କରାଯାଇଛି। ଉତ୍ତର ପ୍ରଦେଶର ହରଦୋଇ ଜିଲା ଖଣ୍ଡିଆର ଅଭିଯୁକ୍ତ ରାଜ କପୁର, ଝାନ୍‌ସିର ରବି କୁମାର ପାଲ, କଟକ ଜିଲା ଚୌଦ୍ୱାରର ମହିମା ରାଉତ୍, ତୋଫାନ ବଢ଼େଇ, ବଡମ୍ବାର ସୋମନାଥ ବେହେରା, ରଣଜିତ ରାଉତ, ଜଗତପୁରର ସରୋଜ ଜେନା, ବରଗଡ ଜିଲା ଗାଇସିଲେଟ ଥାନା ମାହାରପାଲିର ନେହେରୁ ସାହୁ, ଅଇଁଲାଭଟାର ହରିଶ୍ଚନ୍ଦ୍ର ସାହୁ, ହଲଦୀପାଲି ଛକର କରତାର ସିଂ, ଡାଙ୍ଗର ସୁରେଶ ପାତ୍ରଙ୍କୁ ଗିରଫ କରାଯାଇଛି। ବଲାଙ୍ଗୀର ସହର ମାଲପଡାର କଫ୍ ସିରପ ମାଫିଆ ପ୍ରଶାନ୍ତ କ୍ଷେତୀ, ରୁଗୁଡିପଡାର ବାବୁଲୁ ଓରଫ ଶଙ୍କର୍ଷଣ ବଗର୍ତ୍ତି, ବରପାଲିପଡାର ରାଜକୁମାର ମେହେର, ରାକେଶ ପ୍ରଧାନ, ଠିକାଦାରପଡାର ରାଜେଶ ନାଏକ, ପ୍ୟାଲେସ ଲାଇନ୍ ଶିବୁ ଓରଫ୍ ସମୀର ପଣ୍ଡା, ରାଜ କୁମାର ରଣା, ପୁଇଁତଲା ଥାନା ତୁଲସୀପାଲିର ସତ୍ୟ ପ୍ରଧାନ, ଚିମିନିଭାଟିର ରାଜକିଶୋର ପ୍ରଧାନଙ୍କୁ ଗିରଫ କରାଯାଇଛି।

## ଭାରସାମ୍ୟ ହରାଇ ଓଲଟିଲା କାର

ଦେଓଗାଁ, ୧୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ବନ୍ଧପଡା ମାହେଶ୍ୱରୀ ଢ଼ାବା ନିକଟରେ ଭାରସାମ୍ୟ ହରାଇ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଟିକ୍ରାପଡାରୁ କାର (ନଂଓଡିଂ୦୨ବିଜି ୫୫୭୭)କୁ ନେଇ ଡ୍ରାଇଭର ବଲାଙ୍ଗୀର ରେଳଷ୍ଟେଶନକୁ ଯାଉଥିଲେ। ବନ୍ଧପଡା ମାହେଶ୍ୱରୀ ଢ଼ାବା ନିକଟରରେ ହଠାତ ଯାନ୍ତ୍ରିକ ତ୍ରୁଟି ଯୋଗୁଁ କାର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଓଲଟି ପଡଥିଲା । ଫଳରେ ଗାଡି ଉପରଭାଗ ଚୁରମାର ହୋଇଯାଇଛି। ଡ୍ରାଇଭର ଜଗତରାମ ଭାଟି ବର୍ତ୍ତିଯାଇଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଛି ।

## ୮୪ ଘର ଅଘରିଆ ସମାଜ ଭଇଁଷା ମଣ୍ଡଳର ନୂତନ କର୍ମକର୍ତ୍ତା

ପାଟଣାଗଡ,୧୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଭଇଁଷା ମଣ୍ଡଳର ମକରଧ୍ୱଜ ଅଘରିଆ ଧର୍ମଶାଳା ଭଇଁଷା ଗୁଡିଠାରେ ଅଘରିଆ ସମାଜର ମଣ୍ଡଳସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଭଇଁଷା ଗୁଡି, ରାମଚନ୍ଦ୍ରପୁର ଗୁଡି, ବାରପୁଡୁଗିଆ ଗୁଡି ଓ ଦମାଇପାଲି ଗୁଡିକୁ ନେଇ ଭଇଁଷା ମଣ୍ଡଳ ଗଠିତ । ସମସ୍ତ ୪ଟି ଗୁଡିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ଭଇଁଷା ଗୁଡିର ଚିନ୍ତାମଣି ରାଉତଙ୍କୁ ମଣ୍ଡଳ ସଭାପତି, ବିରଞ୍ଚି ରାଉତ ଉପସଭାପତି, ସୁଶିଲ କୁମାର ପଟେଲ ମୁଖ୍ୟ ସମ୍ପାଦକ, ଉଲବାର ସୁଶୀଲ ପଟେଲ ସହସମ୍ପାଦକ ଓ ଡମ୍ବରୁ ରାଉତଙ୍କୁ ଯୁବ ପ୍ରଭାରୀ ଭାବେ ମନୋନୀତ କରାଯାଇଛି। ଏହାପରେ ଆଗାମୀ ମାର୍ଚ୍ଚ ୩୧, ଏପ୍ରିଲ ୧, ୨, ୩ ତାରିଖରେ ଭଇଁଷାଠାରେ ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତୀୟ ମହାସଭା ଉପରେ ନବନିର୍ବାଚିତ ସଭାପତି ଚନ୍ତାମଣି ରାଉତ କହିଥିଲେ। ସମାଜକୁ ଏକତା ଗୁନ୍ଥରେ ବାନ୍ଧିବା, ସମାଜର ସଂସ୍କାର କାର୍ଯ୍ୟକ୍ରମକୁ କିପରି ଆଗକୁ ନିଆଯିବ ସେ ନେଇ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସେ ସମ୍ବୋଧନ କରିଥିଲେ।

# ବୌଦ୍ଧ ବ୍ଲକରେ ବଢୁଛି ବେଆଇନ ଇଟାଭାଟି

ବାଉଁଶୁଣୀ,୧୩।୩(ଡି.ଏନ.ଏ.)

### ଜଙ୍ଗଲ ଓ ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା

ବୌଦ୍ଧ ବ୍ଲକରେ ବେଆଇନ ଭାବେ ମାଟି ଇଟାଭାଟି ସଂଖ୍ୟା ବଢିବାରେ ଲାଗିଛି। ସରକାର ମାଟି ଇଟାଭାଟିକୁ ଅବୈଧ ଘୋଷଣା କରି ଫ୍ଲାଏ ଆଶ୍ ଇଟା ପ୍ରଚଳନ ପାଇଁ ନିୟମ କରିଛନ୍ତି। ହେଲେ ଏହି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି। ଅନ୍ୟପକ୍ଷରେ ସରକାରୀ ଜମିରେ ମାଟି ଇଟାଭାଟି ନିର୍ମାଣ କରି ଜଙ୍ଗଲରୁ କାଠ ଆଣି ଇଟା ପୋଡ଼ାଇବା ଦ୍ୱାରା ଅଞ୍ଚଳରେ ଉତ୍ତାପ ବୃଦ୍ଧି ସହିତ ଜଙ୍ଗଲ କ୍ଷୟ ହେଉଛି। ଅନ୍ୟପକ୍ଷରେ ରାଜସ୍ୱ ବିଭାଗକୁ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି। ରାଜ୍ୟ ସରକାରଙ୍କ କଡା ନିର୍ଦ୍ଦେଶ ସତ୍ତ୍ୱେ ବୌଦ୍ଧ ବ୍ଲକର ବଢ଼ିଗାଁ, ଖୁଣ୍ଟବନ୍ଧ, ତେଲିବନ୍ଧ, ମୁଣ୍ଡାପଡା, ବାଉଁଶୁଣୀ, ଦହ୍ୟା ଓ ବଘିଆପଡା ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ଗ୍ରାମଗୁଡିକରେ ବେଆଇନ ଇଟାଭାଟି ଗଢି ଉଠିଛି । ରାଜସ୍ୱ କର୍ମଚାରୀ ଧର୍ମକୁ ଆଖିଠାର ସଦୃଶ ନିଜର କର୍ତ୍ତବ୍ୟ ତୁଲାଉଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବୌଦ୍ଧ ତହସିଲଦାର ଦେବୀପ୍ରସାଦ ମିଶ୍ରଙ୍କୁ ପଚାରିବାରେ ରାଜସ୍ୱ ନିରୀକ୍ଷକଙ୍କୁ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରି ଫାଇନ କାଟିବାକୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ ଇଟାଭାଟି କରୁଥିବା ମାଲିକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଓ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡର ବ୍ୟବସ୍ଥା ଥିବା ବେଳେ ପ୍ରଶାସନର ନିଷ୍କ୍ରିୟତା, ଜଙ୍ଗଲ ବିଭାଗର ଆନ୍ତରିକତା ଅଭାବ ଓ ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଖୁଣ୍ଟବନ୍ଧ ଓ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିବାରେ ଇଟାଭାଟି ମାଲିକଙ୍କ ଠାରୁ ରୟାଲଟି କଟାଯାଉଛି ବୋଲି କହିଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଲୋଇସିଂହା ଗ୍ରୀଡ୍‌ରେ ଅଗ୍ନିକାଣ୍ଡ

ଲୋଇସିଂହା,୧୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ସବ୍‌ଗ୍ରୀଡରେ ଶଟସାର୍କିଟରୁ ବଡଧରଣର ଅଗ୍ନିକାଣ୍ଡ ସୋମବାର ଅପରାହ୍ନରେ ଘଟିଥିଲା। ବଲାଙ୍ଗୀର–ବରଗଡ ୨୬ ନଂ ଜାତୀୟ ରାଜପଥ କଡରେ ଉକ୍ତ ଗ୍ରୀଡ ଥିବାରୁ ଯାତ୍ରୀ ଏବଂ ଗ୍ରୀଡ ପାଖରେ ଥିବା ଲୋକେ ଆତଙ୍କିତ ହୋଇ ପଡିଥିଲେ । ଗ୍ରୀଡରେ ଅଗ୍ନିକାଣ୍ଡ ପରେ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଖବର ପାଇଁ ଲୋଇସିଂହା ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଲୋଇସିଂହା ଅଗ୍ରେସନ ଭବନ ସମ୍ମୁଖରେ ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ପଛପଟେ ଥିବା ଏହି ଗ୍ରୀଡରୁ ଲୋଇସିଂହା, ନଅଗାଁ ଓ ମେଣ୍ଡା ଫିଡର କାର୍ଯ୍ୟ କରୁଛି। ଏବେ ମେଣ୍ଡା ଫିଡରରେ କାମ ଚଳା ଯାଉଛି ବୋଲି ସେକ୍ସନ ଅଫିସର ଶୁଭେନ୍ଦୁ ଶେଖର ଗିରି କହିଛନ୍ତି।

# ମିଳିତ ଅଭିଯୋଗ ଶୁଣାଣି

ଉଲୁଣ୍ଡା,୧୩।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ, ଏସ୍‌ପି ଅମରେଶ ପଣ୍ଡା ଯୋଗଦେଇ ଜନସାଧାରଣଙ୍କ ୩୧ଟି ଆପତ୍ତି ଅଭିଯୋଗ ଶୁଣିଥିଲେ। ୧୫ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅବଶିଷ୍ଟ ଅଭିଯୋଗଗୁଡିକ ନିର୍ଦ୍ଧାରିତ ସମୟରେ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜଙ୍ଗଲ ଜମି ଅଧିକାର ଆଇନ ଅନୁସାରେ ୧୧ ପରିବାରକୁ ଜମିପଟ୍ଟା ଏବଂ ଡାଲଡବାର ଭିନ୍ନକ୍ଷମ ଦମ୍ପତି ଜମୁନା ଭୋଇ ଓ ତାଙ୍କ ସ୍ୱାମୀ ଭାଗିରଥି ଏବଂ ଉଲୁଣ୍ଡାର ସୁଶାନ୍ତ ବାରିକ ଓ ତାଙ୍କ ସ୍ତ୍ରୀ ଲିସାଙ୍କୁ ଅଢେଇ ଲକ୍ଷ ଲେଖାଏ ୫ଲକ୍ଷ ଟଙ୍କା ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବିଡିଓ କରିସ୍ମା ବେସ୍ରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ଜିଲା ପରିଷଦ ସିଇଓ ନିହାର ରଞ୍ଜନ କହଁର, ଉପଜିଲାପାଳ ଅଶୋକ ଭୋଇ, ପଞ୍ଚାୟତ ସମିତି ଅଧକ୍ଷା। ଶାନ୍ତିଲତା ମିଶ୍ର ଉପସ୍ଥିତ ଥିଲେ। ବିଏସଏସଓ କ୍ଷିରୋଦ୍ର ଭୂଷଣ ରାଏ ଶିବିର ପରିଚାଳନା କରିଥିଲେ।


ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ତରଭା,୧୩।୩(ଡି.ଏନ୍.ଏ.)

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିନୟ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କୁମାର କର୍ଣ୍ଣ ମୁଖ୍ୟଅତିଥି, ଉପାଧ୍ୟକ୍ଷା ଦ୍ୱାଦଶୀ କୁଅଁର, ଡିଏସ୍ଏସ୍ଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଏବିଡିଓ ତଥା ତରଭା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ନାଏକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଏସ୍ଏସ୍ଓ ପ୍ରଭାସ କୁମାର କର୍ଣ୍ଣ ପରିଚାଳନା କରିଥିଲେ। ୧୩୮ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୫୪ ଜଣ ଚଳନବାଧିତ, ୨୨ ଜଣ ଦୃଷ୍ଟିବାଧିତ, ୨୮ ଜଣ ଶ୍ରବଣବାଧିତ, ୧୫ ଜଣ ବୌଦ୍ଧିକ ନ୍ୟୁନତା ଓ ୧୯ ଜଣ ଅନ୍ୟାନ୍ୟ ଭିନ୍ନକ୍ଷମ ଶିବିରକୁ ଆସି ବିଶେଷଜ୍ଞ ଡାକ୍ତରମାନଙ୍କ ନିକଟରେ ପରୀକ୍ଷା କରାଇଥିଲେ। ଡାକ୍ତରୀ ପରୀକ୍ଷା ପରେ ୨ ଜଣ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଶିବିରରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡା. ଗୋପବନ୍ଧୁ ପାତ୍ର, ମାନସିକ ବିଭାଗର ଡା. ଚେତୁରାମ ମେହେର, ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନାର ଭେଷଜ ବିଭାଗର ବିଶେଷଜ୍ଞ ଡା ନରେନ୍ଦ୍ର ମେହେର, ଶିଶୁରୋଗ ବିଶେଷଜ୍ଞ ଏନ୍.କେ. ନାଏକ, ଚକ୍ଷୁରୋଗ ବିଶେଷଜ୍ଞ ଡା ଆର.ଆର. ଦାସ, ଇଏନ୍‌ଟି ବିଭାଗର ବିଶେଷଜ୍ଞ ଡା ଏସ୍. କେ. ପାଣିଗ୍ରାହୀ, ଜେବିବିଏସ୍ଏନ୍ ପ୍ରଶିକ୍ଷଣ ମହାବିଦ୍ୟାଳୟ ସାଲେପାଲିର ଅଡିଓଲୋଜିଷ୍ଟ ଡା. ସୁଧାଂଶୁ ମେହେର ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରିଥିଲେ।


ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

# ଡକାୟତି ଯୋଜନା ପଣ୍ଡ, ୭ ଗିରଫ

ଟିଟିଲାଗଡ଼,୧୩।୩ (ଡି.ଏନ.ଏ.)

### ୨ବନ୍ଧୁକ, ମାରଣାସ୍ତ୍ର ଜବତ

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ପୋଲିସ ରବିବାର ମଧରାତ୍ରରେ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ୭ଜଣ ଡକାୟତଙ୍କୁ ଗିରଫ କରାଯାଇଛି। ଡକାୟତିରେ ବ୍ୟବହୃତ ହେବାକୁ ଥିବା ୨ଟି ବନ୍ଧୁକ ଜବତ ହୋଇଛି। ଘଟଣାସ୍ଥଳରୁ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କୈଳାସ ଥପା ((୨୧), ନରେଶ ନାଗ (୨୨), ଟାଙ୍କରପଡାର ନିରାକାର ବାରିକ (୨୩), ପୂର୍ତ୍ତ ବିଭାଗ କଲୋନୀର ସୁକାନ୍ତ ମିଶ୍ର (୨୬), ଉଦେପୁର ଗ୍ରାମର ଖଗେଶ୍ୱର ଦାଶ (୨୪)। ଘଟଣାସ୍ଥଳରୁ ଫେରାର ବ୍ଲକ ପଡାର ମହମ୍ମଦ ଅଜ୍ଜୁ (୨୪) ଏବଂ ସିରଭଟା ପଡାର ରବି ଗୌଡଙ୍କୁ ପୋଲିସ ଗିରଫ କରଛି। ଅଭିଯୁକ୍ତଙ୍କଠାରୁ ପୋଲିସ ଗୋଟିଏ ୯ ଏମଏମ ଦେଶି ରିଭଲଭର, ଗୋଟିଏ ଦେଶି ପିସ୍ତଲ, ଚାକୁ, ଲୁହା ରଡ, ଦଉଡି, ପ୍ଲାସ, ଲୁହାର ଅସ୍ତ୍ର, ଦୁଇଟି ମୋବାଇଲ ଫୋନ ଏବଂ ୧୩୪୦ ଟଙ୍କା ଜବତ କରାଯାଇଛି। ସୋମବାର ଅପରାହ୍ନରେ ବଲାଙ୍ଗୀର ଜିଲା ଅତିରିକ୍ତ ପୋଲିସ ଅଧୀକ୍ଷକ ସୁରେଶ ନାୟକ ଟିଟିଲାଗଡ ଥାନା ପରିସ୍ଥିତିରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି।

ପୋଲିସ ଅଧୀକ୍ଷକ ନାୟକଙ୍କ ସୂଚନା ଅନୁଯାୟୀ ରବିବାର ରାତିରେ ପୋଲିସ ପାଟ୍ରୋଲିଂ ସମୟରେ କେତେକ ଯୁବକ ଟିଟିଲାଗଡ ବାଳକ ହାଇସ୍କୁଲ ପଡିଆର ଏକ ଅନ୍ଧାରୁଆ ସ୍ଥାନରେ ବିଭିନ୍ନ ମାରଣାସ୍ତ୍ର ସହ ଏକାଠି ହୋଇଥିବା ସୂଚନା ମିଳିଥିଲା। ଏହାକୁ ଭିତ୍ତି କରି ଥାନା ଆଇଆଇସି ରଞ୍ଜନ ବରିହା ବରିହା, ସବଇନ୍ସପେକ୍ଟର ନରେନ୍ଦ୍ର ଛତ୍ର, ଟ୍ରେନି ସବଇନ୍ସପେକ୍ଟର ମାରୁତ ଚନ୍ଦ୍ର ପ୍ରଧାନ, ଏଏସଆଇ ଦେବରାଜ ମାଝି ଓ ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ଚାରିପଟରୁ ଘେରି ଯାଇ ସମ୍ପୃକ୍ତ ଯୁବକମାନଙ୍କୁ କାବୁ କରିଥିଲେ। ଅଭିଯୁକ୍ତମାନେ ବଙ୍ଗୋମୁଣ୍ଡା ଅଞ୍ଚଳର ଜନୈକ ବ୍ୟବସାୟୀଙ୍କ ଘରେ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ କହିଛି। ଏନେଇ ଦଫା ୩୯୯, ୪୦୨ ଆଇପିସି ଏବଂ ୨୫/୨୮ ଆର୍ମସ ଆକ୍ଟରେ ଏକ ମାମଲା (୬୬/୨୩)ରୁଜୁ କରାଯାଇ ଗିରଫ ୭ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।


ଖବରଦାତା ସମ୍ମିଳନୀରେ ଜବତ ମାରଣାସ୍ତ୍ର ପ୍ରଦର୍ଶନ ସହ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

## ସଂକ୍ଷେପରେ

### ହୀରାକୁଦ ରୋଗୀ କଲ୍ୟାଣ ସମିତି ବୈଠକ

**ସମ୍ବଲପୁର, ୧୩।୩(ବ୍ୟୁରୋ)-** ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ମହାନଗର ନିଗମ ଡେପୁଟି କମିଶନର ସୀମା ସବିତା କୁଲ୍ଲୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ବୈଠକରେ ହୀରାକୁଦ ସହରରେ ଆମ୍ବୁଲାନ୍ସ ସେବା, ସ୍ପେଶାଲିଷ୍ଟ ଡାକ୍ତର ଅଭାବ, ବର୍ଷା ଦିନେ ହସ୍ପିଟାଲର କାଦୁଅ ଓ ପାଣି ଭର୍ତ୍ତି ସ୍ଥିତି ଉପରେ ଆଲୋଚନା ହୋଇଥିଲା । ହସ୍ପିଟାଲର ଜମି ଉପରେ ଜବରଦଖଲ ବଢୁଥିବା ବେଳେ କେମିତି ତାହା ହଟାଯାଇପାରିବ, ସେନେଇ ଡେପୁଟି କମିଶନରଙ୍କୁ ଅବଗତ କରାଯାଇଥିଲା । ତହସିଲଦାରଙ୍କୁ ଯେତେ ଜଣାଇଲେ ମଧ ଡିମାର୍କେସନ ହେଉନଥିବାରୁ ବୈଠକରେ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ତେବେ ଏହି ପ୍ରସଙ୍ଗରେ ତହସିଲଦାରଙ୍କୁ ଚାପ ପକାଯିବା ବୋଲି ଡେପୁଟି କମିଶନର ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ହୀରାକୁଦ ଅଞ୍ଚଳରେ ବାଲ୍ୟବିବାହ ବଢୁଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଅଲିଫ ପଟ୍ଟନାୟକ, ଡା. ସ୍ୱିଗ୍ଧା ପରମିତା ରାଉତ, ସିଡିପିଓ ପୁଷ୍ପାଞ୍ଜଳୀ ମିଶ୍ର, ରୋଗୀ କଲ୍ୟାଣ ସମିତି ସଦସ୍ୟ କାର୍ତ୍ତିକ କଲେତ ଓ ଗୁଣମଣି ବିଶ୍ୱାଲ, ହିଣ୍ଡାଲକୋ ସିଏସଆର ସୁକାନ୍ତ ମହାପାତ୍ର, ବିପିଏମ ଜିତେନ୍ଦ୍ର ନାୟକ, ଫାର୍ମାସିଷ୍ଟ ବୈକୁଣ୍ଠ କୁମାର, ବିଏଏମ ଓମ୍ ପ୍ରକାଶ ମେହେର , ବିଧାୟକ ପ୍ରତିନିଧି ଅନୁପ ମିଶ୍ର ଉପସ୍ଥିତ ଥିଲେ ।

### ରାଜମିସ୍ତ୍ରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ରେଙ୍ଗାଲି, ୧୩।୩(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦୁଇଦିନିଆ ରାଜମିସ୍ତ୍ରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧରେ ଡିପିଏମ ଓଏଲଏମ ଡ. ପୁଷ୍ପଶ୍ରୀ ନାୟକ, ଗଣେଶ ରାମ ପଣ୍ଡା, ରେଙ୍ଗାଲି ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି, ରେଙ୍ଗାଲି ଜୋନ ୨ ଜିଲା ପରିଷଦ ସଭ୍ୟ ଦେ ନାରାୟଣ ତିୱାରୀ, କତରବଗା ସରପଞ୍ଚ ନୀଳାମ୍ବର ରୋହୀ ଦାସ, ସମିତି ସଭ୍ୟ ଅକୁର କାଲୋ ଅତିଥି ଭାବେ ଉପସ୍ଥିତ ଥିଲେ । ଶଙ୍କୁଲି ବିଶ୍ୱାଳ ଓ ପୁଷ୍ପକ କୁମାର ଭୋଇ ୨୮ ଜଣ ପୁରୁଷ ଓ ୫ ଜଣ ମହିଳାଙ୍କୁ ତାଲିମ ଦେଇଥିଲେ । ବିପିଏମ ଲିପ୍ସା ମହାକୁଡ଼, ସ୍ୱାଗତିକା ସାହୁ, ନିଳିମା ସାହୁ, କଲ୍ୟାଣୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

### ୱାର୍ଡ କୋଅର୍ଡିନେଟର ପଦବୀ ଚୟନରେ ଅନିୟମିତତା

**ଖଡ଼ିଆଳ, ୧୩।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସି ଅଧୀନ ୧୩ଟି ୱାର୍ଡ ପାଇଁ ହୋଇଥିବା ୱାର୍ଡ କୋଅର୍ଡିନେଟର ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଚଳିତବର୍ଷ ଉକ୍ତ ଏନ୍‌ଏସିରେ ୧୩ଟି ୱାର୍ଡ ପଦବୀ ପାଇଁ ସହରର ୧୩ଟି ୱାର୍ଡ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟମାନେ ଆବେଦନ କରିଥିଲେ। ଯାଞ୍ଚ ପ୍ରକ୍ରିୟାରେ ନୂଆପଡା ଉପଜିଲାପାଳଙ୍କ ସମେତ ସିଡିପିଓ, ଅତିରିକ୍ତ ତହସିଲଦାର, ଖଡ଼ିଆଳ ଏନ୍‌ଏସି ସିଇଓ ସୁରଭି ପାଣିଗ୍ରାହୀ, ୱାର୍ଡ କୋଅର୍ଡିନେଟର ଦାୟିତ୍ୱରେ ଥିବା ଅଧିକାରୀ ସୁନୀଲ ନାଏକ ସାମିଲ ହୋଇଥିଲେ। ଏହି ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରିକି ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ଏନ୍‌ଏସି ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସକ୍ରିୟ ସଦସ୍ୟଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯିବା ନିୟମ ରହିଛି। ହେଲେ ଏନ୍‌ଏସି ଅଧୀନ ମହିଳାଙ୍କୁ ନିଯୁକ୍ତି ଦେବା ବଦଳରେ ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଚୟନ କରାଯାଇଥିବା ଅଭିଯୋଗ ହୋଇଛି। ଆବେଦନକାରୀଙ୍କ ଶିକ୍ଷ୍ୟାଗତ ଯୋଗ୍ୟତା ଏବଂ କାଗଜପତ୍ର ମଧ ଠିକ ରହିଛି। ହେଲେ ସେମାନଙ୍କୁ ଜାଣିଶୁଣି ଚୟନରେ ବାଦ ଦିଆଯାଇଥିବା ଅଭିଯୋଗ ହୋଇଛି। ଯୋଗ୍ୟତା ନ ଥିବା ମହିଳାଙ୍କୁ କିଭଳି ଚୟନ କରାଗଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲାପାଳ ତୁରନ୍ତ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ କମିଟି ଦ୍ୱାରା ତଦନ୍ତ କରିବା ସହ ପଦକ୍ଷେପ ନେବାକୁ ଆବେଦନକାରୀମାନେ ଦାବି କରିଛନ୍ତି। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ ପରେ ଜିଲାପାଳଙ୍କୁ ଏହାର ତଥ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

# ଅଙ୍ଗନୱାଡ଼ି କର୍ମୀଙ୍କୁ ଢ଼ାଲ କରି ସାଇବର ଠକେଇ

**ବରଗଡ଼ ଅଫିସ୍, ୧୩।୩**

ବରଗଡ଼ ଜିଲାରେ ଅଙ୍ଗନୱାଡ଼ି କର୍ମୀଙ୍କୁ ଢ଼ାଲ କରି ଜଣେ ହିତାଧିକାରୀଙ୍କଠାରୁ ୪୫୦୦ ଟଙ୍କା ଠକେଇ ହୋଇଛି। ଏ ନେଇ ସୋମବାର ବରଗଡ଼ ବ୍ଲକ ତୋରା ପଞ୍ଚାୟତ ଧାନ ମିଲ୍‌ପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ବିଦ୍ୟୁତଲତା ଭୋଇ ସ୍ଥାନୀୟ ଟାଉନ ଥାନାରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଗତ ୧୦ତାରିଖ ଦିନ ୧୨ଟା ୨୮ମିନିଟରେ ବିଦ୍ୟୁତଲତାଙ୍କ ମୋବାଇଲ ଫୋନକୁ ଏକ ଅଜଣା ନମ୍ବର ୭୪୫୨୦୪୬୫୪୦ରୁ ଏକ ଆସିଥିଲା । ଅଙ୍ଗନୱାଡ଼ି କେନ୍ଦ୍ର ଅଧୀନରେ ରହିଥିବା ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ଦେଉନାହଁ ବୋଲି ସମ୍ପୃକ୍ତ ଅଜଣା ଲୋକ କହିଥିଲେ। ପରେ ଠକ ଜଣକ କନଫରେନ୍ସ କରିଥିଲେ ଏବଂ ବିଦ୍ୟୁତଲତାଙ୍କ କଲ୍‌କୁ ମ୍ୟୁଟ୍ କରି ହିତାଧିକାରୀଙ୍କ ସହିତ କଥାବାର୍ତ୍ତା ହୋଇଥିଲେ ଏବଂ ୮ହଜାର ଟଙ୍କା ପାଇବାର ପ୍ରଲୋଭନ ଦେଖାଇଥିଲେ। ଏହାପରେ ହିତାଧିକାରୀଙ୍କଠାରୁ ଗୁଗୁଲ୍ ପେ ମାଧ୍ୟମରେ ସମ୍ପୃକ୍ତ ଠକ ଜଣକ ୪୫୦୦ ଟଙ୍କା ନେଇଯାଇଥିଲେ। ବର୍ତ୍ତମାନ ସମ୍ପୃକ୍ତ ହିତାଧିକାରୀ ତାଙ୍କୁ ସେହି ଟଙ୍କା ଫେରାଇବାକୁ କହୁଥିବା ବିଦ୍ୟୁତଲତା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଠକ ଅନ୍ୟ କିଛି ହିତାଧିକାରୀଙ୍କୁ ମଧ୍ୟ ସେଭଳି ପ୍ରଲୋଭନ ଦେଖାଇଥିବା ସେ ଜାଣିବାକୁ ପାଇଥିବା ବିଦ୍ୟୁତଲତା କହିଛନ୍ତି। ଫଳରେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପୋଲିସକୁ ନିବେଦନ କରିଛନ୍ତି।


ପୋଲିସକୁ ଫେରାଦ ହୋଇଥିବା ଅଙ୍ଗନୱାଡ଼ି କର୍ମୀ ।

# ଆଇନ ମହାବିଦ୍ୟାଳୟରେ ଫୁଡ଼ ଫେଷ୍ଟିଭାଲ


ସମ୍ବଲପୁରସ୍ଥିତ ଆଇନ ମହାବିଦ୍ୟାଳୟଠାରେ ଆୟୋଜିତ ଫୁଡ୍‌ଷ୍ଟଲକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ସମ୍ବଲପୁର, ୧୩।୩(ବ୍ୟୁରୋ)**

ସମ୍ବଲପୁରସ୍ଥିତ ଲଜପତ ରାୟ ଆଇନ ମହାବିଦ୍ୟାଳୟରେ ଫୁଡ଼ ଫେଷ୍ଟିଭାଲ ସୋମବାର ଅନୁଷ୍ଠିତ ହୋଇଛି। ସମ୍ବଲପୁର ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ବିଏଏଲଏଲବି, ଏଲଏଲବି ଓ ଏଲଏଲଏମ ବିଭାଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ୭ଟି ବିଭିନ୍ନ ଖାଇବା ଷ୍ଟଲ ରହିଥିଲା । ଯେଉଁଥିରେ ନ୍ୟୁଟ୍ରିସନ ଫୁଡ୍‌କୁ ଗୁରୁତ୍ୱ ଦିଆଯାଇଥିଲା । ଖାଇବା ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଷ୍ଟଲଗୁଡ଼ିକର ସାଜସଜ୍ଜା ସମସ୍ତ ଛାତ୍ରୀଛାତ୍ର ନିଜେ କରିଥିଲେ। ଏହାକୁ ବିଚାରକମଣ୍ଡଳୀ ଦ୍ୱାରା ମାର୍କିଂ କରାଯାଇଥିଲା । ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଭାଗକୁ ଆସନ୍ତା ବାର୍ଷିକ ଉତ୍ସବରେ ପୁରସ୍କୃତ କରିବାକୁ କଲେଜ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏଥିସହ କଠିନ ଓ ତରଳ ଆବର୍ଜନାକୁ କିପରି ପରିଚାଳନା କରାଯିବ ସେନେଇ ମଧ କର୍ତ୍ତୃପକ୍ଷ ତଦାରଖ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ବିଜୟାନନ୍ଦ ବେହେରା, ପ୍ରଫେସର ଲକ୍ଷ୍ମୀକାନ୍ତ ଦାଶ, ଅଙ୍କିତ ସୌରଭ ସାହୁ, ପ୍ରଫେସର ଶ୍ରୀକାନ୍ତ ମିଶ୍ର, ଇନ୍ଦୁ ଭୂଷଣ ମହାପାତ୍ର, ସ୍ୱାଗତିକା ବିଶ୍ୱାଳଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଲାଲ ଗୋପାଳ ନନ୍ଦ, ବିକାଶନାଥ ମନ୍ଦୋଦରୀ, ଯୋଗାପ୍ରଜ୍ଞା ସାହୁ, ଅପରିଚିତା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ସରପଞ୍ଚଙ୍କ ବିରୋଧରେ ୧୦ ୱାର୍ଡ ସଭ୍ୟଙ୍କ ଅଭିଯୋଗ

**ସମ୍ବଲପୁର, ୧୩।୩(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ସରପଞ୍ଚ ଜଗତେଶ୍ୱର ମିର୍ଦ୍ଧାଙ୍କ ମନମୁଖୀ କାମକୁ ନେଇ ୱାର୍ଡ ସଭ୍ୟାସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପଞ୍ଚାୟତରେ ମୋଟ ୧୫ ୱାର୍ଡ ମଧ୍ୟରୁ ୧୦ ୱାର୍ଡର ସଭ୍ୟାସଭ୍ୟମାନେ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏଡିଏମଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ କ୍ରମେ ସରପଞ୍ଚ ମିର୍ଦ୍ଧା ପ୍ରାୟ ଏକ ବର୍ଷ ହେବ ସଭା ନ କରି ରେଗୁଲେସନ ଖାତାରେ ଦସ୍ତଖତ ନେଉଛନ୍ତି। ୱାର୍ଡ ଅଧୀନରେ ଉନ୍ନୟନମୂଳକ କାମଗୁଡିକ ସମ୍ପର୍କରେ ସୂଚନା ଦିଆଯାଉ ନାହିଁ। ନାଏବ ସରପଞ୍ଚଙ୍କୁ ମଧ ଅବଗତ କରା ଯାଉନାହିଁ। କୌଣସି ବିକାଶମୂଳକ କାମ ଓ ଲୋକଙ୍କ ସମସ୍ୟା ସମାଧାନ କରିବାକୁ କହିଲେ ଅଣଦେଖା କରାଯାଉଛି। ଫଳରେ ବହୁତ ସମସ୍ୟା ହେଉଛି। ଏହାର ସମାଧାନ କରାଯାଉ ବୋଲି ଦାବି ହୋଇଛି। ନାଏବ ସରପଞ୍ଚ ସୁନିତା ବଗର୍ତ୍ତି, ଲଳିତ ଷଡଙ୍ଗୀ, କପିଳାସ ଗର୍ଡିଆ, ମଣିକର ଭୋଇ, ତପସ୍ୱିନୀ ଗର୍ଡିଆ, ମଞ୍ଜୁଲତା ଭୋଇ, ଅଷ୍ଟମୀ ଗର୍ଡିଆ, ଲଳିନୀ ଭୋଇ ପ୍ରମୁଖ ସଭ୍ୟାସଭ୍ୟଙ୍କ ସ୍ୱାକ୍ଷର ଅଭିଯୋଗପତ୍ରରେ ରହିଛି।


ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ୱାର୍ଡସଭ୍ୟାସଭ୍ୟ ।

**ଠିକା କାମ ପାଇଁ ଚାଲିଛି ସାଲିସ: ସରପଞ୍ଚ**

ଅନ୍ୟପକ୍ଷରେ ସରପଞ୍ଚ ମିର୍ଦ୍ଧା ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହା କେବଳ ଠିକା କାମକୁ ନେଇ ସାଲିସ କରାଯାଉଛି । ପ୍ରତି ମାସରେ ବୈଠକ ହେଉଛି । ସମସ୍ତଙ୍କ ଉପସ୍ଥିତିରେ ପ୍ରକଳ୍ପଗୁଡିକ ଉପରେ ଆଲୋଚନା କରାଯାଉଛି। ପରେ ସ୍ଥାନୀୟ ୱାର୍ଡ ସଭ୍ୟାସଭ୍ୟଙ୍କୁ ଅବଗତ କରାଯାଇ କାମ କରାଯାଉଛି। ପ୍ରତି ୱାର୍ଡରେ ପ୍ରଥମ ପର୍ଯ୍ୟାୟରେ ହୋଇଥିବା କାମଗୁଡିକ ୱାର୍ଡ ସଭ୍ୟାସଭ୍ୟମାନେ କରାଇଥିଲେ। ସବୁତକ କାମ ସେମାନେ କରିବାକୁ ଚାହୁଁଛନ୍ତି। ଏହାକୁ ମନା କରିବାକୁ ଏଭଳି ଷଡଯନ୍ତ୍ର କରୁଛନ୍ତି। ନିର୍ବାଚନରେ ପରାଜୟ ହୋଇଥିବା ଗୋଷ୍ଠୀର ମଧ ଏଥିରେ ସଂପୃକ୍ତି ରହିଛି ବୋଲି ସେ କହିଥିଲେ। ହେଲେ ଘେନୁପାଲି ପଞ୍ଚାୟତରେ ଏହି ଘଟଣାକୁ ନେଇ ରାଜନୀତି ସରଗରମ ହୋଇଛି। କାରଣ ସରପଞ୍ଚ ଓ ବିରୋଧ କରୁଥିବା ଗୋଷ୍ଠୀ ଏକ ନିର୍ଦ୍ଦିଷ୍ଟ ଦଳର ଅଟନ୍ତି। ଏବେ ଦଳର ନେତା କାହା ପକ୍ଷରେ ରହିବେ ବୋଲି ଆଲୋଚନା ହେଉଛି।

### କାଙ୍କଣପଡା ଦୁର୍ଗା ମନ୍ଦିରରୁ ଚୋରି

**ରେଢାଖୋଲ, ୧୩।୩(ଡି.ଏନ.ଏ.)**

ରେଢାଖୋଲ ଥାନା କାଙ୍କଣପଡା ଦୁର୍ଗାମନ୍ଦିର ରୁ ରବିବାର ରାତିରେ ଚୋରି ହୋଇଛି । କେହି ଦୁର୍ବୃତ୍ତ ଦେବୀଙ୍କ ମୂର୍ତ୍ତି, ରୁପା ଛତର, ୨ଟି ଘଣ୍ଟ ଓ ଗୋଟିଏ ଘଣ୍ଟି ଚୋରିକରିନେଇଥିବା ନେଇ ମନ୍ଦିର ପୂଜକ ସଞ୍ଜୟ ଦାଶ ରେଢାଖୋଲ ଥାନାରେ ଅଭିଯୋଗ କରିଛନ୍ତି। ମନ୍ଦିରର ତାଲା ଭାଙ୍ଗି ଚୋରି କରିଥିବା ବେଳେ ପରେ ମନ୍ଦିରର କବାଟ ବନ୍ଦ କରି ଦେଇଥିବା ଜଣାପଡିଛି। ସୋମବାର ସକାଳେ ମନ୍ଦିର ପୂଜକ ପୂଜା କରିବାକୁ ଆସି ଚୋରି ହୋଇଥିବା ଜାଣିଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

### ୮୪ ଘର ଅଘରିଆ ସମାଜ ଭଇଁଷା ମଣ୍ଡଳର ନୂତନ କର୍ମକର୍ତ୍ତା

**ପାଟଣାଗଡ, ୧୩।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଭଇଁଷା ମଣ୍ଡଳର ମକରଧ୍ୱଜ ଅଘରିଆ ଧର୍ମଶାଳା ଭଇଁଷା ଗୁଡିଠାରେ ଅଘରିଆ ସମାଜର ମଣ୍ଡଳସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଭଇଁଷା ଗୁଡି, ରାମଚନ୍ଦ୍ରପୁର ଗୁଡି, ବାରପୁଟୁଗିଆ ଗୁଡି ଓ ଦମାଇପାଲି ଗୁଡିକୁ ନେଇ ଭଇଁଷା ମଣ୍ଡଳ ଗଠିତ । ସମସ୍ତ ୪ଟି ଗୁଡିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ଭଇଁଷା ଗୁଡିର ଚିନ୍ତାମଣି ରାଉତଙ୍କୁ ମଣ୍ଡଳ ସଭାପତି, ବିରଞ୍ଚି ରାଉତ ଉପସଭାପତି, ସୁଶିଲ କୁମାର ପଟେଲ ମୁଖ୍ୟ ସମ୍ପାଦକ, ଉଲବାର ସୁଶୀଲ ପଟେଲ ସହସମ୍ପାଦକ ଓ ଡମ୍ବରୁ ରାଉତଙ୍କୁ ଯୁବ ପ୍ରଭାରୀ ଭାବେ ମନୋନୀତ କରାଯାଇଛି। ଏହାପରେ ଆଗାମୀ ମାର୍ଚ୍ଚ ୩୧, ଏପ୍ରିଲ ୧, ୨, ୩ ତାରିଖରେ ଭଇଁଷାଠାରେ ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତୀୟ ମହାସଭା ଉପରେ ନବନିର୍ବାଚିତ ସଭାପତି ଚନ୍ତାମଣି ରାଉତ କହିଥିଲେ। ସମାଜକୁ ଏକତା ରୁଜୁରେ ବାନ୍ଧିବା, ସମାଜର ସଂସ୍କାର କାର୍ଯ୍ୟକ୍ରମକୁ କିପରି ଆଗକୁ ନିଆଯିବ ସେ ନେଇ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସେ ସମ୍ବୋଧନ କରିଥିଲେ।

# ରେଙ୍ଗାଲିରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ରେଙ୍ଗାଲିର ଖିଣ୍ଡାରେ ଜିଲାପାଳ ବିସ୍ଥାପିତମାନଙ୍କ ସହ ଆଲୋଚନା କରୁଛନ୍ତି ।

**ରେଙ୍ଗାଲି, ୧୩।୩(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ଥିବା ରାଜୀବ ଭବନଠାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୯ଟି ଅଭିଯୋଗ ହୋଇଥିଲା। ରେଙ୍ଗାଲିରେ ଥିବା ଆଦର୍ଶ ବିଦ୍ୟାଳୟକୁ ବସ ଚଳାଇବା ପାଇଁ ଦାବି କରାଯାଇଥିଲା। ବିଞ୍ଜିପାଲିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇଥିବା ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଅଭିଯୋଗ ହୋଇଥିଲା। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବି.ଗଙ୍ଗାଧର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବଳ, ଉପ ଜିଲାପାଳ ପ୍ରଭାସ ଡନସେନା, ସିଡିଏମଓ ପୂର୍ଣ୍ଣଚନ୍ଦ୍ର ସାହୁ, ରେଙ୍ଗାଲି ତହସିଲଦାର ବେରିସସ ଡୁଙ୍ଗଡୁଙ୍ଗ, ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

**ଖିଣ୍ଡା ,ତଲାବିରା କୋଇଲା ଖଣି ବିସ୍ଥାପିତଙ୍କ ଅଭିଯୋଗ ଶୁଣିଲେ**

ପରେ ଜିଲାପାଳ ଦାସ ଖିଣ୍ଡା ପଞ୍ଚାୟତକୁ ପରିଦର୍ଶନ କରିଥିଲେ । ଏହି ଅବସରରେ ତଲାବିରା କୋଇଲା ଖଣି ବିସ୍ଥାପିତଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଠିକା ସଂସ୍ଥା ଗ୍ରାମବାସୀଙ୍କ ଦାବିଗୁଡିକ ପୂରଣ ନ କରି ଖନନ କାର୍ଯ୍ୟ ଆରମ୍ଭ କରି ସାରିଛି ବୋଲି ବିସ୍ଥାପିତମାନେ ଅଭିଯୋଗ କରିଥିଲେ। ଗ୍ରାମ ପୋଖରୀର ପୁନରୁଦ୍ଧାର କରାଯାଉ ନାହିଁ ବୋଲି ମଧ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଥିଲେ। ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପଧାନ ଓ ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି ବାବୁଲୁ ରାଉତ ଉପସ୍ଥିତ ଥିଲେ।

# ଏମ୍‌ସିଏଲ୍ କୋଇଲା ଉତ୍ପାଦନରେ ୧୫ ପ୍ରତିଶତ ଅଭିବୃଦ୍ଧି

**ସମ୍ବଲପୁର, ୧୩।୩(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ୨୦୨୨-୨୩ ବର୍ଷରେ କୋଇଲା ଉତ୍ପାଦନରେ ରେକର୍ଡ ସୃଷ୍ଟି କରିଛି। କୋଇଲା ଉତ୍ପାଦନ ଲକ୍ଷ୍ୟ ୧୭୬ ମିଲିୟନ ଟନ ଅତିକ୍ରମ କରି ୧୫ ପ୍ରତିଶତରୁ ଅଧିକ ଅଭିବୃଦ୍ଧି କରିଛି। ଏମ୍‌ସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ ପ୍ରକାଶ ସିଂ ବିଭାଗର ମୁଖ୍ୟ ଓ ସେମାନଙ୍କ ପୁରା ଟିମ୍‌କୁ ଉତ୍ପାଦନ ଓ ପ୍ରେରଣ ନିରନ୍ତର କରୁଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ମାର୍ଚ୍ଚ ୨୦୨୩ ଶେଷ ସୁଦ୍ଧା ଏହି ଲକ୍ଷ୍ୟ ରହିଥିଲା । ହେଲେ ପୂର୍ବରୁ ଏହି ଲକ୍ଷ୍ୟ ପୂରଣ ହୋଇଛି । ଏମସିଏଲ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ନିର୍ଦ୍ଦେଶକ ଯୁଗଳ କୁମାର ବୋରା, ବିତ୍ତ ନିର୍ଦ୍ଦେଶକ ଅଜିତ କୁମାର ବେହୁରାଙ୍କ ସମେତ କମ୍ପାନୀ କାର୍ଯ୍ୟକାରିଣୀ ନିର୍ଦ୍ଦେଶକ ମାନେ ଉପସ୍ଥିତ ରହିଥିଲେ।


କୋଇଲା ଉତ୍ପାଦନ କରାଯାଉଛି।

# ୫ ବର୍ଷ ପରେ ପୁଅକୁ ଫେରି ପାଇଲେ ମା'

**ସମ୍ବଲପୁର, ୧୩।୩(ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଥାନା ଅଧୀନ ତବଲା ପଞ୍ଚାୟତ କୁଲତା ନୂଆପାଲିର ଚମ୍ପାବତୀ ମିର୍ଦ୍ଧାଙ୍କ ପୁଅ ଶ୍ରୀକାନ୍ତଙ୍କୁ ରାଜସ୍ଥାନରୁ ଉଦ୍ଧାର କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହଯୋଗରେ ପରିଚୟ ଅନୁଷ୍ଠାନର ବିପିନ ବିହାରୀ ପଣ୍ଡା ଓ ରାମଦାସ ପଣ୍ଡା ତାଙ୍କୁ ଉଦ୍ଧାର କରି ରବିବାର ସମ୍ବଲପୁର ଫେରିଛନ୍ତି । ଉଭୟ ରାମଦାସ ଏବଂ ବିପିନ ପ୍ରଥମେ ଚମ୍ପାବତୀଙ୍କ ଘରକୁ ଯାଇ ସବୁ ଘଟଣା ବିଷୟରେ ଜାଣି ଜିଲାପାଳ ଅନନ୍ୟା ଦାସଙ୍କୁ ଜଣାଇଥିଲେ। ଜିଲା ପ୍ରଶାସନ ତରଫରୁ ଗୋଟିଏ ଗାଡି ନେଇ ପରିଚୟ ଅନୁଷ୍ଠାନର ବିପିନ ରାଜସ୍ଥାନ ଯାଇଥିଲେ। ଶ୍ରୀକାନ୍ତଙ୍କୁ ନେଇ ସମ୍ବଲପୁର ଫେରିବା ପରେ ରବୀନ୍ଦ୍ର ଶତପଥୀଙ୍କ ଉପସ୍ଥିତିରେ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଛି। ଶ୍ରୀକାନ୍ତ ମିର୍ଦ୍ଧା (୨୫) ଗତ ୫ ବର୍ଷ ତଳୁ କୁଆଡେ ଚାଲିଯାଇଥିଲା। ସେ ରାଜସ୍ଥାନର ଭରତପୁର ଆଶ୍ରମରେ ଦୀର୍ଘ ଦିନ ହେଲା ଥିଲେ। ସେ ସେଠାରୁ ଫେରିବା ପାଇଁ ବିପିନଙ୍କ ସମେତ ରାମଦାସ ଏବଂ କ୍ରୀଷ୍ଣା ମେହେର ସହଯୋଗ କରିଥିଲେ।


ଶ୍ରୀକାନ୍ତ ମିର୍ଦ୍ଧା ଓ ତାଙ୍କ ମା'।

# ପାଣି ପଞ୍ଚାୟତ ପରିଚାଳନା କରିବ ଦେବଝରନ ଉଦ୍ୟାନ

**ସମ୍ବଲପୁର, ୧୩।୩(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରାଠାରେ ରହିଛି ପର୍ଯ୍ୟଟନ ସ୍ଥଳ ଦେବଝରନ। ସେଠାରେ ରହିଛି ପ୍ରାକୃତିକ ଜଳପ୍ରପାତ ଓ ଏକ ବିଶାଳ ଜଳଭଣ୍ଡାର। ଜଳଭଣ୍ଡାର ତଳ ମୁଣ୍ଡରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ସୁନ୍ଦର ଉଦ୍ୟାନ କରାଯାଇଥିଲା। ହେଲେ ପ୍ରାୟ ୧ ବର୍ଷ ଭିତରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଉଦ୍ୟାନ ଏକରକମ ଉଜୁଡି ଯାଇଛି । ବିଭିନ୍ନ ପ୍ରକାର ଗଛଲତା ଶୁଖି ନଷ୍ଟ ହେବାକୁ ବସିଛି। କେତେକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

ଅଭିଯୋଗ କ୍ରମେ ଦେବଝରନକୁ ଇକୋ ଟୁରିଜିମ୍ ଭାବେ ଘୋଷଣା କରବା ପରେ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇଥିଲା। ବନ ବିଭାଗ ପକ୍ଷରୁ ଅନେକ କାମ କରାଯାଇଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୬୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରାୟ ଅଢେଇ ଏକର ଜମିରେ ପାର୍କ ନିର୍ମାଣ କରାଯାଇଥିଲା । ପାଚେରି ନିର୍ମାଣ କରାଯାଇ ପୂର୍ବରୁ ଥିବା ଗଛଗୁଡିକୁ ରଖାଯାଇଥିଲା। ଏହାସହ ଫୁଲ ,ଫଳ, ଘାସ ଓ ପ୍ରାୟ ସବୁ ପାଣିପାଗରେ ବଞ୍ଚିଥିବା ଗଛ ଲତା ଲଗା ଯାଇଥିଲା। ସୋଲାର ଲାଇଟ ବ୍ୟବସ୍ଥା କରାଯାଇଥିଲା। ଗତ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ହେଲେ ରକ୍ଷଣାବେକ୍ଷଣ ପାଇଁ ସ୍ଥାୟୀ କର୍ମଚାରୀ ନିୟୋଜିତ କରାଗଲା ନାହିଁ। ସ୍ଥାନୀୟ ଜଣେ ଯୁବକଙ୍କୁ ନିଯୁକ୍ତି କରାଯାଇଥିଲା । ହେଲେ ତାଙ୍କୁ ପାରିଶ୍ରମିକ ଦିଆଯାଇ ନ ଥିବା ଅଭିଯୋଗ ହେଉଛି। ତେଣୁ ଉକ୍ତ ପାର୍କ ନଷ୍ଟ ହେବାକୁ ବସିଛି। ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ କରାଯାଉ ବୋଲି ଦାବି ହେଉଛି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ଏସଇ ପ୍ରେମାନନ୍ଦ ସାମଲ କହିଛନ୍ତି ଯେ, ଆମେ ଏହି ଘଟଣାକୁ ନେଇ ଚିନ୍ତିତ। ଏବେ ଉକ୍ତ ପାର୍କକୁ ସ୍ଥାନୀୟ ପାଣି ପଞ୍ଚାୟତ ହାତକୁ ପରିଚାଳନା କରିବାକୁ ଦିଆଯିବ । ଏହାର ପ୍ରକ୍ରିୟା ଶେଷ ହୋଇଛି। ଏକ ମୋଟର ପମ୍ପ ଖଞ୍ଜାଯାଇ ନିୟମିତ ପାଣି ମଡାଯିବ ଓ ଗଛଗୁଡିକର ଯତ୍ନ ନିଆଯିବ। ଫଳରେ ପୁଣି ପୂର୍ବ ଭଳିଆ ସ୍ଥିତିକୁ ପାର୍କ ଫେରି ଆସିବ ବୋଲି ସେ କହିଥିଲେ।


ସମ୍ବଲପୁର ଦେବଝରନରେ ଥିବା ପାର୍କର ଗଛ ଶୁଖିଲା ପଡିଛି।

**ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି**

**ବେକରେ ରଶିଦେଇ ଯୁବତୀଙ୍କ ଆତ୍ମହତ୍ୟା**

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଧୀନ ହଳଦୀ ଗ୍ରାମରେ ସୋମବାର ସନ୍ଧ୍ୟାରେ ଜଣେ ଯୁବତୀ ବେକରେ ରଶିଦେଇ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ମମତା ମାଝି(୨୦) ଡିଏଭି କଲେଜରେ ଯୁକ୍ତ ୩ରେ ପଢୁଥିଲେ। ସୋମବାର କଲେଜରୁ ଆସିବା ପରେ ସନ୍ଧ୍ୟାରେ ପାଇଖାନାରେ ନିଜ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଖବର ପାଇ ମୁରିବାହଲ ଥାନା ଅଧିକାରୀ କମଳ ଲୋଚନ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଲୋଇସିଂହା ଗ୍ରୀଡ୍‌ରେ ଅଗ୍ନିକାଣ୍ଡ

**ଲୋଇସିଂହା,୧୩।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସବ୍‌ଗ୍ରୀଡରେ ଶଟସାର୍କିଟରୁ ବଡଧରଣର ଅଗ୍ନିକାଣ୍ଡ ସୋମବାର ଅପରାହ୍ନରେ ଘଟିଥିଲା। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ କଡରେ ଉକ୍ତ ଗ୍ରୀଡ ଥିବାରୁ ଯାତ୍ରୀ ଏବଂ ଗ୍ରୀଡ ପାଖରେ ଥିବା ଲୋକେ ଆତଙ୍କିତ ହୋଇ ପଡିଥିଲେ । ଗ୍ରୀଡରେ ଅଗ୍ନିକାଣ୍ଡ ପରେ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଖବର ପାଇଁ ଲୋଇସିଂହା ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଲୋଇସିଂହା ଅଗ୍ରେସନ ଭବନ ସମ୍ମୁଖରେ ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ପଛପଟେ ଥିବା ଏହି ଗ୍ରୀଡରୁ ଲୋଇସିଂହା, ନଅଗାଁ ଓ ମେଣ୍ଡା ଫିଡର କାର୍ଯ୍ୟ କରୁଛି। ଏବେ ମେଣ୍ଡା ଫିଡରରେ କାମ ଚଳା ଯାଉଛି ବୋଲି ସେକ୍ସନ ଅଫିସର ଶୁଭେନ୍ଦୁ ଶେଖର ଗିରି କହିଛନ୍ତି।

### ୱାର୍ଡ କୋଅର୍ଡିନେଟର ପଦବୀ ଚୟନରେ ଅନିୟମିତତା

**ଖଡ଼ିଆଳ,୧୩।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସି ଅଧୀନ ୧୩ଟି ୱାର୍ଡ ପାଇଁ ହୋଇଥିବା ୱାର୍ଡ କୋଅର୍ଡିନେଟର ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଚଳିତବର୍ଷ ଉକ୍ତ ଏନ୍‌ଏସିରେ ୧୩ଟି ୱାର୍ଡ ପଦବୀ ପାଇଁ ସହରର ୧୩ଟି ୱାର୍ଡ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟମାନେ ଆବେଦନ କରିଥିଲେ। ଯାଞ୍ଚ ପ୍ରକ୍ରିୟାରେ ନୂଆପଡା ଉପଜିଲାପାଳଙ୍କ ସମେତ ସିଡିପିଓ, ଅତିରିକ୍ତ ତହସିଲଦାର, ଖଡ଼ିଆଳ ଏନ୍‌ଏସି ସିଇଓ ସୁରଭି ପାଣିଗ୍ରାହୀ, ୱାର୍ଡ କୋଅର୍ଡିନେଟର ଦାୟିତ୍ୱରେ ଥିବା ଅଧିକାରୀ ସୁନୀଲ ନାଏକ ସାମିଲ ହୋଇଥିଲେ। ଏହି ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରିକି ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ଏନ୍‌ଏସି ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସକ୍ରିୟ ସଦସ୍ୟଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯିବା ନିୟମ ରହିଛି। ହେଲେ ଏନ୍‌ଏସି ଅଧୀନ ମହିଳାଙ୍କୁ ନିଯୁକ୍ତି ଦେବା ବଦଳରେ ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଚୟନ କରାଯାଇଥିବା ଅଭିଯୋଗ ହୋଇଛି। ଆବେଦନକାରୀଙ୍କ ଶିକ୍ଷ୍ୟାଗତ ଯୋଗ୍ୟତା ଏବଂ କାଗଜପତ୍ର ମଧ ଠିକ ରହିଛି। ହେଲେ ସେମାନଙ୍କୁ ଜାଣିଶୁଣି ଚୟନରେ ବାଦ ଦିଆଯାଇଥିବା ଅଭିଯୋଗ ହୋଇଛି। ଯୋଗ୍ୟତା ନ ଥିବା ମହିଳାଙ୍କୁ କିଭଳି ଚୟନ କରାଗଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲାପାଳ ତୁରନ୍ତ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ କମିଟି ଦ୍ୱାରା ତଦନ୍ତ କରିବା ସହ ପଦକ୍ଷେପ ନେବାକୁ ଆବେଦନକାରୀମାନେ ଦାବି କରିଛନ୍ତି। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ ପରେ ଜିଲାପାଳଙ୍କୁ ଏହାର ତଥ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

# ନିଶା ବେପାରୀଙ୍କ ଟାର୍ଗେଟରେ ଯୁବବର୍ଗ



କଫସିରଫ କାରବାରରେ ଗିରଫ ଅଭିଯୁକ୍ତମାନଙ୍କଠାରୁ ଜବତ ବନ୍ଧୁକ, ମାରଣାସ୍ତ୍ର ଓ ମୋବାଇଲ।

**ନିଶା ବେପାରୀଙ୍କ ଟାର୍ଗେଟରେ ରହିଛନ୍ତି ଉଭୟ ଶିକ୍ଷିତ ଏବଂ ଅଶିକ୍ଷିତ ଯୁବକ। ବଲାଙ୍ଗୀର ସମେତ ଓଡ଼ିଶାର ଅଧିକ ସଂଖ୍ୟକ ଯୁବତୀ, ଯୁବକ ନିଶାସେବନରେ ମାତିଛନ୍ତି। ନିଶା ଯୋଗୁ ସେମାନଙ୍କର ବହୁମୂଲ୍ୟ ଭବିଷ୍ୟତ ନଷ୍ଟ ହେବାର ଆଶଙ୍କା ରହୁଛି। ଏହି ଯୁବତୀ, ଯୁବକଙ୍କୁ ନିଶାସେବନରୁ ଛଡାଇବାକୁ ହେଲେ ରାଜ୍ୟ ତଥା ଦେଶରେ ଜାଲ ଭଳିଆ ବିଛାଇ ହୋଇଥିବା ଡ୍ରଗ୍ସ ନେଟୱର୍କକୁ ଭେଦ କରିବାକୁ ହେବ। ବଲାଙ୍ଗୀର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଭାବେ ସ୍କ୍ୱାଡ ଗଠନ କରାଯାଇ ଉପରୁ ତଳକୁ ଲମ୍ବିଥିବା ଡ୍ରଗ୍ସ ନେଟ୍‌ୱର୍କର ପର୍ଦ୍ଦାଫାଶ କରିବା ପ୍ରୟାସ ଆରମ୍ଭ କରାଯାଇଛି।**

### କଫ୍ ସିରପ କାରବାରରେ ୫ମହିଳା ଗିରଫ

**ବଲାଙ୍ଗୀର ଅଫିସ, ୧୩।୩**

ସୋମବାର କଫ୍ ସିରପ କାରବାରରେ ବଲାଙ୍ଗୀର ପୋଲିସ ୩୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୫ ଜଣ ମହିଳା ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ଚୌଦ୍ୱାରର ମହିମା ରାଉତ (୨୪), ବଲାଙ୍ଗୀର ସହର ବରପାଲିପଡାର ଯାଜ୍ଞସେନୀ ମେହେର (୪୫), ଶାନ୍ତିଲତା ଜେନା (୩୫), କନ୍ଧପାଲିପଡାର ଡାଲିମ୍ବ ବାରିକ (୬୦) ଓ ତାଳପାଲିପଡାର ମମତା କୁମ୍ଭାର (୩୩)। ପୋଲିସ ଟିମ୍ ସୋମବାର ଏମାନଙ୍କୁ ଘରୁ ଉଠାଇ ଆଣିବା ପରେ ପଡାରେ ଚହଳ ପଡିଯାଇଥିଲା। ଉପରୋକ୍ତ ମହିଳାମାନେ କଫ ସିରପ ଆଣି ବିକ୍ରି କରୁଥିଲେ। ଲିଙ୍ଗଗତ ବିଭେଦ ଉର୍ଦ୍ଧ୍ୱରେ ଏହି କାରବାରରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଆଗକୁ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏସ୍‌ପି କୁଶଲକର କଡା ଚେତାବନୀ ଦେଇଛନ୍ତି।

### ପ୍ରଶାନ୍ତ କ୍ଷେତୀଙ୍କ ପାଖରୁ ବନ୍ଧୁକ ଜବତ

ବଲାଙ୍ଗୀରର ଚର୍ଚ୍ଚିତ କଫ୍ ସିରପ ମାଫିଆ ପ୍ରଶାନ୍ତ କ୍ଷେତୀଙ୍କ ପାଖରୁ ପୋଲିସ ଟିମ୍ ଏକ ଦେଶୀ ବନ୍ଧୁକ ଜବତ କରିଛି। ପୂର୍ବରୁ ମଧ ବହୁବାର ପ୍ରଶାନ୍ତ ଗିରଫ ହୋଇଛନ୍ତି। ଜାମିନରେ ବାହାରିବା ପରେ ସେ ପୁଣି କଫ୍ ସିରପ କାରବାର ଚଳାଇଥିବା ପୋଲିସ ଜାଣିପାରିଛି।

### ଚର୍ଚ୍ଚାରେ ତୋଫାନ୍ ବନାମ ତୋଫାନ

ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର କଫ୍ ସିରପ ଚୋରାଚାଲାଣକାରୀଙ୍କ ବିରୋଧରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରିଛନ୍ତି। ଏହି ସ୍କ୍ୱାଡରେ ସଦର ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ଟିମ୍ ଲିଡର ରଖାଯାଇଛି। ତାଙ୍କ ନେତୃତ୍ୱରେ ଏହି ସ୍କ୍ୱାଡ ରାଜ୍ୟ ବିଭିନ୍ନ ସ୍ଥାନକୁ ଯାଇ ଚଢ଼ାଉ କରି ବିପୁଳ ପରିମାଣର କଫ୍ ସିରପ ଜବତ କରିବା ସହ ୩୭ ଜଣଙ୍କୁ ଗିରଫ କରିଛି। ଏହି ଚୋରା କଫ୍ ସିରପ କାରବାରର ଅନ୍ୟତମ ପେଣ୍ଠସ୍ଥଳୀ ପାଲଟିଛି କଟକ। କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାରର ତୋଫାନ୍ ବଡ଼େଇ କଫ୍ ସିରପ କାରବାରର ଜଣେ ମୁଖ୍ୟ ଅଭିଯୁକ୍ତ। ଅଭିଯୁକ୍ତ ବଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଫ୍ ସିରପ କାରବାର ଚାଲିଥିବାବେଳେ ସଦର ଏସଡିପିଓ ତୋଫାନ୍ ବାଗଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଆଣ୍ଟିକଫ୍ ସିରଫ ଅପରେଶନ୍ ସ୍କ୍ୱାଡ ପରିଚାଳିତ ହେଉଛି। ଏନେଇ ଜଣାପଡିବା ପରେ ଏବେ ତୋଫନ୍ ବନାମ ତୋଫାନ ଆଲୋଚନାର ବିଷୟ ହୋଇଛି।

### ସମ୍ମିଳିତ ପଦକ୍ଷେପ ନିଶାମୁକ୍ତ ବଲାଙ୍ଗୀର ଗଢ଼ିବ: ଏସ୍‌ପି



ବଲାଙ୍ଗୀର ଏସପି ନୀତିନ କୁଶଲକର।

ବଲାଙ୍ଗୀର ପୋଲିସ ନିଶା କାରବାର ନେଟ୍‌ୱର୍କର ପର୍ଦ୍ଦାଫାଶ କରିବା ପ୍ରୟାସ ଆରମ୍ଭ କରିଛି। ମାତ୍ର ଜନସାଧାରଣ ଓ ସିଭିଲ ସୋସାଇଟିର ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ମିଳିତ ଭାବେ ପୋଲିସ, ଜିଲା ପ୍ରଶାସନ ଏବଂ ସିଭିଲ ସୋସାଇଟି କାର୍ଯ୍ୟ କଲେ ନିଶା ସେବନରୁ ଯୁବକ, ଯୁବତୀଙ୍କୁ କ୍ଷାନ୍ତ କରାଯାଇ ପାରିବ ବୋଲି ଏସ୍‌ପି ନୀତିନ କୁଶଲକର କହିଛନ୍ତି। ଆଗକୁ ମଧ ଆଣ୍ଟିଡ୍ରଗ୍ସ ଅପରେଶନ ଜାରି ରହିବ। ଜିଲା ପ୍ରଶାସନ ପକ୍ଷରୁ ନିଶାଗ୍ରସ୍ତ ଯୁବକଙ୍କ ନିଶାମୁକ୍ତି ପାଇଁ ଡିଆଡିକ୍ସ ସେଣ୍ଟର ଖୋଲାଯିବା ଦିଗରେ ପଦକ୍ଷେପ ନିଆଯିବ। ଖୁବ୍‌ଶୀଘ୍ର ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ନିଶାଗ୍ରସ୍ତ ଯୁବକ ଏବଂ ବ୍ୟକ୍ତିଙ୍କୁ ସ୍ୱାଭାବିକ କରିବା ପାଇଁ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଭବିଷ୍ୟତରେ ଯେଭଳି ବଲାଙ୍ଗୀରରେ ଆଉ ନିଶା ବେପାର ଚାଲିବ ନାହିଁ ସେ ଦିଗରେ ମଧ ଯୋଜନା କରାଯିବ ବୋଲି କହିଛନ୍ତି। ତେବେ ଏଦିଗରେ ସିଭିଲ ସୋସାଇଟିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନିର୍ବାହ କରିବା ଦିଗରେ ଅଭିଭାବକ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଏବ ଜନସାଧାରଣଙ୍କୁ ସହୃଦୟତାର ସହ କାର୍ଯ୍ୟ କରିବାକୁ ପଡିବ ବୋଲି ସେ କହିଛନ୍ତି।

### କଫ୍ ସିରପ କାରବାରରେ ଏକକାଳୀନ ୩୭ ଗିରଫ

ପ୍ରଥମ ଦଫାରେ ବଲାଙ୍ଗୀର ପୋଲିସ ବେଆଇନ କଫ୍ ସିରପ ବେପାରୀଙ୍କୁ କଡା ଜବାବ ଦେଇଛି। ଏକକାଳୀନ ରେକର୍ଡ ସଂଖ୍ୟକ ୩୭ ଜଣଙ୍କୁ ଗିରଫ କରାଯାଇଛି। ଉତ୍ତର ପ୍ରଦେଶର ହରଦୋଇ ଜିଲା ଖଣ୍ଡିଆର ଅଭିଯୁକ୍ତ ରାଜ କପୁର, ଝାନ୍‌ସିର ରବି କୁମାର ପାଲ, କଟକ ଜିଲା ଚୌଦ୍ୱାରର ମହିମା ରାଉତ୍, ତୋଫାନ ବଢ଼େଇ, ବଡମ୍ବାର ସୋମନାଥ ବେହେରା, ରଣଜିତ ରାଉତ, ଜଗତପୁରର ସରୋଜ ଜେନା, ବରଗଡ ଜିଲା ଗାଇସିଲେଟ ଥାନା ମାହାରପାଲିର ନେହେରୁ ସାହୁ, ଅଇଁଲାଭଟାର ହରିଶ୍ଚନ୍ଦ୍ର ସାହୁ, ହଲଦୀପାଲି ଛକର କରତାର ସିଂ, ଡାଙ୍ଗର ସୁରେଶ ପାତ୍ରଙ୍କୁ ଗିରଫ କରାଯାଇଛି। ବଲାଙ୍ଗୀର ସହର ମାଲପଡାର କଫ୍ ସିରପ ମାଫିଆ ପ୍ରଶାନ୍ତ କ୍ଷେତୀ, ରୁଗୁଡିପଡାର ବାବୁଲୁ ଓରଫ ଶଙ୍କର୍ଷଣ ବଗର୍ତ୍ତି, ବରପାଲିପଡାର ରାଜକୁମାର ମେହେର, ରାକେଶ ପ୍ରଧାନ, ଠିକାଦାରପଡାର ରାଜେଶ ନାଏକ, ପ୍ୟାଲେସ ଲାଇନ୍ ଶିବୁ ଓରଫ୍ ସମୀର ପଣ୍ଡା, ରାଜ କୁମାର ରଣା, ପୁଇଁତଲା ଥାନା ତୁଲସୀପାଲିର ସତ୍ୟ ପ୍ରଧାନ, ଟିମିନିଭାଟିର ରାଜକିଶୋର ପ୍ରଧାନଙ୍କୁ ଗିରଫ କରାଯାଇଛି।

### ଭାରସାମ୍ୟ ହରାଇ ଓଲଟିଲା କାର

**ଦେଓଗାଁ, ୧୩।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ବନ୍ଧପଡା ମାହେଶ୍ୱରୀ ଢ଼ାବା ନିକଟରେ ଭାରସାମ୍ୟ ହରାଇ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଟିକ୍ରାପଡାରୁ କାର (ନଂଓଡି୦୨ବିଜି ୫୫୭୭)କୁ ନେଇ ଡ୍ରାଇଭର ବଲାଙ୍ଗୀର ରେଲଷ୍ଟେଶନକୁ ଯାଉଥିଲେ। ବନ୍ଧପଡା ମାହେଶ୍ୱରୀ ଢ଼ାବା ନିକଟରରେ ହଠାତ ଯାନ୍ତ୍ରିକ ତ୍ରୁଟି ଯୋଗୁଁ କାର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଓଲଟି ପଡଥିଲା । ଫଳରେ ଗାଡି ଉପରଭାଗ ଚୁରମାର ହୋଇଯାଇଛି। ଡ୍ରାଇଭର ଜଗତରାମ ଭାଟି ବର୍ତ୍ତିଯାଇଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଛି ।

### ୮୪ ଘର ଅଘରିଆ ସମାଜ ଭଇଁଷା ମଣ୍ଡଳର ନୂତନ କର୍ମକର୍ତ୍ତା

**ପାଟଣାଗଡ,୧୩।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଭଇଁଷା ମଣ୍ଡଳର ମକରଧ୍ୱଜ ଅଘରିଆ ଧର୍ମଶାଳା ଭଇଁଷା ଗୁଡିଠାରେ ଅଘରିଆ ସମାଜର ମଣ୍ଡଳସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଭଇଁଷା ଗୁଡି, ରାମଚନ୍ଦ୍ରପୁର ଗୁଡି, ବାରପୁତୁଗିଆ ଗୁଡି ଓ ଦମାଇପାଲି ଗୁଡିକୁ ନେଇ ଭଇଁଷା ମଣ୍ଡଳ ଗଠିତ । ସମସ୍ତ ୪ଟି ଗୁଡିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ଭଇଁଷା ଗୁଡିର ଚିନ୍ତାମଣି ରାଉତଙ୍କୁ ମଣ୍ଡଳ ସଭାପତି, ବିରଞ୍ଚି ରାଉତ ଉପସଭାପତି, ସୁଶୀଲ କୁମାର ପଟେଲ ମୁଖ୍ୟ ସମ୍ପାଦକ, ଉଲବାର ସୁଶୀଲ ପଟେଲ ସହସମ୍ପାଦକ ଓ ଡମ୍ବରୁ ରାଉତଙ୍କୁ ଯୁବ ପ୍ରଭାରୀ ଭାବେ ମନୋନୀତ କରାଯାଇଛି। ଏହାପରେ ଆଗାମୀ ମାର୍ଚ୍ଚ ୩୧, ଏପ୍ରିଲ ୧, ୨, ୩ ତାରିଖରେ ଭଇଁଷାଠାରେ ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତୀୟ ମହାସଭା ଉପରେ ନବନିର୍ବାଚିତ ସଭାପତି ଚନ୍ତାମଣି ରାଉତ କହିଥିଲେ। ସମାଜକୁ ଏକତା ରୁଜୁରେ ବାନ୍ଧିବା, ସମାଜର ସଂସ୍କାର କାର୍ଯ୍ୟକ୍ରମକୁ କିପରି ଆଗକୁ ନିଆଯିବ ସେ ନେଇ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସେ ସମ୍ବୋଧନ କରିଥିଲେ ।

## ରେଡକ୍ରସରୁ ମିଳିଲା ୫ ହଜାର ଟଙ୍କାର ସହାୟତା

**ଲୋଇସିଂହା,୧୩।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ କେଉଁଟିପାଲି ଗ୍ରାମର ବୃଦ୍ଧା ଫୁଲ ମୁଦୁଲି(୭୭)ଙ୍କ ଝାଟିମାଟି ଘର ଭାଙ୍ଗି ଯାଇଛି । ଆବାସ ଯୋଜନାରେ ସେ ଯୋଗ୍ୟ ବିଚେଚିତ ହେଉନାହାନ୍ତି। ତାଙ୍କୁ ୨୦୨୧ମସିହାରୁ ମିଳିଥିବା ସ୍ୱଚ୍ଛ ଭାରତ ପାଇଖାନା ଘରେ ସେ ରହି ଆସୁଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଡକ୍ରସରୁ ଫୁଲଙ୍କୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏଥିସହିତ ଆଗାମୀ ପର୍ଯ୍ୟାୟରେ ପ୍ରାଥମିକତା ଦେଇ ତାଙ୍କୁ ଆବାସ ଯୋଜନା ପାଇଁ ତାଲିକାଭୁକ୍ତ କରାଯିବ। ବ୍ଲକରୁ ମଧ୍ୟ କିଛି ଆର୍ଥିକ ସହାୟତା ବ୍ୟବସ୍ଥା କରାଯିବ। ଘର ମିଳିବା ପର୍ଯ୍ୟନ୍ତ କୌଣସି ବୃଦ୍ଧାଶ୍ରମରେ ରଖିବା ପାଇଁ ତାଙ୍କୁ ବୁଝାଶଝା କରାଯିବ ବୋଲି ବିଡିଓ ଆକାଶ ରଞ୍ଜନ ସାହୁ କହିଛନ୍ତି। ସ୍ୱାମୀ ଏବଂ ଦୁଇପୁଅଙ୍କ ମୃତ୍ୟୁ ପରେ ଫୁଲ ଏକୁଟିଆ ହୋଇ ଯାଇଥିଲେ। ଝିଅ, ବୋହୂ ଓ ନାତିନାତୁଣୀ ତାଙ୍କୁ ଆଡଆଖିରେ ଚାହିଁଲେନାହିଁ। ବର୍ଷାରେ ମାଟିଘର ଭାଙ୍ଗି କଲା। ସ୍ୱଚ୍ଛ ଭାରତ ଯୋଜନାରେ ପାଇଥିବା ପାଇଖାନରେ ସେ ଆଶ୍ରୟ ନେଲେ। ଏହା ଲୋକଲୋଚନକୁ ଆସିବା ପରେ ଜିଲା ପ୍ରଶାସନ ତତ୍ପରତା ଦେଖାଇ ଫୁଲଙ୍କୁ ଏକ ଆଶ୍ରମରେ ରଖିବାକୁ ଉଦ୍ୟମ କରାଯାଇଥିଲା । ହେଲେ ସେ ଆଶ୍ରମକୁ ଯିବାକୁ ମନା କରି ଦେଇଥିଲେ। ବିଧବା ଭତ୍ତା ବାବଦକୁ ୫ ଶହ ଟଙ୍କା ଏବଂ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ସେବେଠୁ ଦିଆଯାଉଛି। ସେତେବେଳର ଏହି ଘଟଣାକୁ ଆଧାର କରି ରାଜ୍ୟ ଆଇନସେବା ପ୍ରାଧିକରଣ ସହ ସମ୍ପାଦକ ରୁଦ୍ରପ୍ରକାଶ ନାୟକ ଜିଲା ସମ୍ପାଦକଙ୍କୁ ପତ୍ର ଲେଖି ବୃଦ୍ଧାଙ୍କୁ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଲୋଇସିଂହା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟଙ୍କ କାର୍ଯ୍ୟାଳୟ ପକ୍ଷରୁ ଫୁଲଙ୍କ ସହ ଯୋଗାଯୋଗ କରାଯାଇଥିଲା। ନ୍ୟାୟାଳୟର ହସ୍ତକ୍ଷେପ ପରେ ଘର ପାଇବା ଆଶା ସୃଷ୍ଟି ହୋଇଥିଲା। ୨୦୨୩ ଜାନୁୟାରୀରେ ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ତାଲିକାରେ ଫୁଲଙ୍କ ନାମ ନଥିବାରୁ ସାଧାରଣରେ ବିସ୍ମୟ ପ୍ରକାଶ ପାଇଥିଲା। ଏହାକୁ ନେଇ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ସ୍ୱଜାଳି ମହାନ୍ତି ଚିନ୍ତା ପ୍ରକଶ କରିଥିଲେ। ରାଜସ୍ୱ ଅଧିକାରୀ ତହସିଲଦାର ସଂଘମିତ୍ରା କାଲୋ,ଏବିଡିଓ ବିଜୟ କୁମାର ହୋତା ଓ ସରପଞ୍ଚ ବିଜୁଳି ପଧାନ ପ୍ରମୁଖଙ୍କୁ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। ଜିଲାପାଳ ଏବଂ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ଆବାସ ଯୋଜନାରେ ଘର ଦେବା ବ୍ୟବସ୍ଥା କରାଯିବ ବୋଲି ଅଧିକାରୀମାନେ କହିଥିଲେ। ହେଲେ ବୃଦ୍ଧାଶ୍ରମକୁ ଯିବାକୁ ଫୁଲ ରୋକଠୋକ ମନା କରି ଦେଉଥିବାରୁ ପ୍ରଶାସନ ଅଡୁଆରେ ପଡିଛି।

**ପାଇଖାନାରେ ବୃଦ୍ଧା ଫୁଲଙ୍କ ଆଶ୍ରୟ ନେବା ଘଟଣା**



ଫୁଲ ମୁଦୁଲି।

## ଆଦିବାସୀ ଅଧ୍ୟୁଷିତ ବ୍ଲକରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ଦାବି

**ବଲାଙ୍ଗୀର ଅଫିସ, ୧୩।୩**

ବଲାଙ୍ଗୀର ଜିଲାର ପାଟଣାଗଡ, ବେଲପଡା, ଖପ୍ରାଖୋଲ, ସଇଁତଲା, ବଲାଙ୍ଗୀର, ଟିଟିଲାଗଡ଼ ଓ ଲୋଇସିଂହା ବ୍ଲକ, ନୂଆପଡା ଜିଲ୍ଲାର ସିନାପାଲି, ବୋଡ଼େନ, ଖଡ଼ିଆଳ, କୋମନା, ନୂଆପଡା ଏବଂ ବରଗଡ଼ ଜିଲାର ଝାରବନ୍ଧ, ପାଇକମାଳ, ପଦ୍ମପୁର ବ୍ଲକରେ ୨୦୧୧ ଜନଗଣନା ଅନୁସାରେ ୨୦ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ବାସ କରୁଛନ୍ତି। ଏହି ସବୁ ବ୍ଲକରେ ଗୋଟିଏ ଲେଖାଏ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ଦାବି କରିଛନ୍ତି ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି। ଏ ନେଇ ସେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଚିଠି ଲେଖିଥିଲେ। ବିଶିଙ୍କ ପ୍ରସ୍ତାବକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଗ୍ରହଣ କରି ସରକାରଙ୍କୁ ଜଣାଇବା ସମ୍ପର୍କରେ ଚିଠି ଲେଖିଥିବା ଜଣାପଡିଛି। ଆଦିବାସୀ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ସରକାରଙ୍କ ଜନଜାତୀୟ କାର୍ଯ୍ୟ ମନ୍ତ୍ରଣାଳୟ ପକ୍ଷରୁ ସିବିଏସଇ ପାଠ୍ୟକ୍ରମରେ ନିଃଶୁଳ୍କ ଶିକ୍ଷାଦାନ କରିବାର ସାମ୍ବିଧାନିକ ବ୍ୟବସ୍ଥା ରହିଛି। ଯେଉଁ ବ୍ଲକରେ ଆଦିବାସୀ ଜନସଂଖ୍ୟା ୨୦ ହଜାରରୁ ଉର୍ଦ୍ଧ୍ୱ ଥିବ ସେହି ବ୍ଲକରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ବିଧି ରହିଛି। ବର୍ତ୍ତମାନ ତିନିରୁ ଚାରି ଲକ୍ଷ ଆଦିବାସୀ ଜନସଂଖ୍ୟା ବିଶିଷ୍ଟ ବଲାଙ୍ଗୀର, ନୂଆପଡା ଏବଂ ବରଗଡ଼ ଜିଲ୍ଲାରେ ଗୋଟିଏ ଲେଖାଏ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରହିଛି ବୋଲି ରାଜ୍ୟ ସଭା ସାଂସଦ ବିଶି ପ୍ରକାଶ କରିଛନ୍ତି। ପ୍ରତି ବ୍ଲକରେ ଆସନ୍ତା ଶିକ୍ଷାବର୍ଷଠାରୁ ଏକଲବ୍ଯ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଚଳିତ ଦ୍ୱିତୀୟ ବଜେଟ ସତ୍ରରେ ବ୍ୟୟ ଅଟକଳ ବ୍ୟବସ୍ଥା କରିବାକୁ ବିଶି ଦାବି କରିଥିବା ଜଣାଇଛନ୍ତି।

## ମିଳିତ ଜନଶୁଣାଣି, ଲୋକସେବା ଶିବିର

**ମୁରିବାହାଲ, ୧୩।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଟୁପାଉଡ଼ାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ମିଳିତ ଜନଶୁଣାଣୀ ଓ ଲୋକସେବା ଶିବିର ଅନୁଷ୍ଠିତ ହୋଇଯାଉଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁରେଶ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁଶାନ୍ତ କୁମାର ସିଂ, ଟିଟିଲାଗଡ଼ ଉପ ଜିଲାପାଳ ଦୟାମୟ ପାଢ଼ୀ ଉପସ୍ଥିତ ରହି ଜନସାଧାରଣଙ୍କ ୯୮ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ପତ୍ରାପାଲି(କ) ପଞ୍ଚାୟତ ଜାମୁଟ ଗ୍ରାମର ଜୀବନ ପଟ୍ଟନାୟକ ଭିନ୍ନକ୍ଷମ ନିହରିକା ସାହୁଙ୍କୁ ଓ ଟୁପାଉଡ଼ାର ଗ୍ରାମର ଖିତିପ୍ରଭା ଚନ୍ଦନ ଭିନ୍ନକ୍ଷମ କୁରିପତି ବାଗଙ୍କୁ ବିବାହ କରିଥିବାରୁ ପ୍ରୋତ୍ସାହନ ରାଶି ବାବଦକୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଜିଲାପାଳଙ୍କଠାରୁ ଚେକ ଆକାରରେ ଗ୍ରହଣ କରିଥିଲେ। ବିଡିଓ ପୂର୍ଣ୍ଣାନନ୍ଦ ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜନଶୁଣାଣିରେ ଡିଏସଏସଓ ନବକିଶୋର ସାହୁ, ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର, ମୁରିବାହାଲ ତହସିଲଦାର ସୋନାଲି ପାତ୍ର, ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ବାନାଞ୍ଚଳ ଅଧିକାରୀ ନୀଳାଦ୍ରି ଭୋଇ, ଥାନା ଅଧିକାରୀ କମଳ ଲୋଚନ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୬ଟି ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା।



ଜିଲାପାଳ ଷ୍ଟଲ ବୁଲି ଦେଖୁଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୭ ଗିରଫ

**ଟିଟିଲାଗଡ଼,୧୩।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ପୋଲିସ ରବିବାର ମଧରାତ୍ରରେ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ୭ଜଣ ଡକାୟତଙ୍କୁ ଗିରଫ କରାଯାଇଛି। ଡକାୟତିରେ ବ୍ୟବହୃତ ହେବାକୁ ଥିବା ୨ଟି ବନ୍ଧୁକ ଜବତ ହୋଇଛି। ଘଟଣାସ୍ଥଳରୁ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କୈଳାସ ଥପା ((୨୧), ନରେଶ ନାଗ (୨୨), ଟାଙ୍କରପଡାର ନିରାକାର ବାରିକ (୨୩), ପୂର୍ତ୍ତ ବିଭାଗ କଲୋନୀର ସୁକାନ୍ତ ମିଶ୍ର (୨୬), ଉଦେପୁର ଗ୍ରାମର ଖଗେଶ୍ୱର ଦାଶ (୨୪)। ଘଟଣାସ୍ଥଳରୁ ଫେରାର ବ୍ଲକ ପଡାର ମହମ୍ମଦ ଅଜ୍ଜୁ (୨୪) ଏବଂ ସିରଭଟା ପଡାର ରବି ଗୌଡଙ୍କୁ ପୋଲିସ ଗିରଫ କରଛି। ଅଭିଯୁକ୍ତଙ୍କଠାରୁ ପୋଲିସ ଗୋଟିଏ ୯ ଏମଏମ ଦେଶି ରିଭଲଭର, ଗୋଟିଏ ଦେଶି ପିସ୍ତଲ, ଚାକୁ, ଲୁହା ରଡ, ଦଉଡି, ପ୍ଲାସ, ଲୁହାର ଅସ୍ତ୍ର, ଦୁଇଟି ମୋବାଇଲ ଫୋନ ଏବଂ ୧୩୪୦ ଟଙ୍କା ଜବତ କରାଯାଇଛି। ସୋମବାର ଅପରାହ୍ନରେ ବଲାଙ୍ଗୀର ଜିଲା ଅତିରିକ୍ତ ପୋଲିସ ଅଧୀକ୍ଷକ ସୁରେଶ ନାୟକ ଟିଟିଲାଗଡ ଥାନା ପରିସ୍ଥିତିରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ପୋଲିସ ଅଧୀକ୍ଷକ ନାୟକଙ୍କ ସୂଚନା ଅନୁଯାୟୀ ରବିବାର ରାତିରେ ପୋଲିସ ପାଟ୍ରୋଲିଂ ସମୟରେ କେତେକ ଯୁବକ ଟିଟିଲାଗଡ ବାଳକ ହାଇସ୍କୁଲ ପଡିଆର ଏକ ଅନ୍ଧାରୁଆ ସ୍ଥାନରେ ବିଭିନ୍ନ ମାରଣାସ୍ତ୍ର ସହ ଏକାଠି ହୋଇଥିବା ସୂଚନା ମିଳିଥିଲା। ଏହାକୁ ଭିତ୍ତି କରି ଥାନା ଆଇଆଇସି ରଞ୍ଜନ ବରିହା ବରିହା, ସବଇନ୍ସପେକ୍ଟର ନରେନ୍ଦ୍ର ଛତ୍ର, ଟ୍ରେନି ସବଇନ୍ସପେକ୍ଟର ମାରୁତ ଚନ୍ଦ୍ର ପ୍ରଧାନ, ଏଏସଆଇ ଦେବରାଜ ମାଝି ଓ ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ଚାରିପଟରୁ ଘେରି ଯାଇ ସମ୍ପୃକ୍ତ ଯୁବକମାନଙ୍କୁ କାବୁ କରିଥିଲେ। ଅଭିଯୁକ୍ତମାନେ ବଙ୍ଗୋମୁଣ୍ଡା ଅଞ୍ଚଳର ଜନୈକ ବ୍ୟବସାୟୀଙ୍କ ଘରେ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ କହିଛି। ଏନେଇ ଦଫା ୩୯୯, ୪୦୨ ଆଇପିସି ଏବଂ ୨୫/୨୮ ଆର୍ମସ ଆକ୍ଟରେ ଏକ ମାମଲା (୬୬/୨୩)ରୁଜୁ କରାଯାଇ ଗିରଫ ୭ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।



ଖବରଦାତା ସମ୍ମିଳନୀରେ ଜବତ ମାରଣାସ୍ତ୍ର ପ୍ରଦର୍ଶନ ସହ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

**୨ବନ୍ଧୁକ, ମାରଣାସ୍ତ୍ର ଜବତ**

## ସଂକ୍ଷେପରେ

### ଡାକ୍ତର ପରମାନନ୍ଦ ପାଇବେ ଅନ୍ତର୍ଜାତୀୟ ଫେମ୍ ଆୱାର୍ଡ



**ସୋନପୁର, ୧୩।୩(ନି.ପ୍ର.):** ସୋନପୁରର ଯୁବ ଦନ୍ତ ଚିକିତ୍ସକ ଡାକ୍ତର ପରମାନନ୍ଦ ମିଶ୍ର ଅନ୍ତର୍ଜାତୀୟ ଫେମ୍ ଆୱାଡ୍ ପାଇଁ ମନୋନୀତ ହୋଇଛନ୍ତି। ଶ୍ରେଷ୍ଠ ଦନ୍ତ ଚିକିତ୍ସକ ବର୍ଗରେ ସେ ଏହି ପୁରସ୍କାର ପାଇବେ। ଆସନ୍ତା ୧୮ ତାରିଖରେ ଦିଲ୍ଲୀର ଏକ ତାରକା ହୋଟେଲରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡାକ୍ତର ମିଶ୍ରଙ୍କୁ ସମ୍ମାନିତ କରାଯିବ। ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ମାନେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେବେ ବୋଲି ଜଣାପଡିଛି।

### ଗୋବନ୍ଧ୍ୟା ନିରାକରଣ, ପ୍ରାଣୀସ୍ୱାସ୍ଥ୍ୟ ଶିବିର

**ଅମରପାଲି, ୧୩।୩ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଅମୂଲ୍ୟମଣି ରାଣିପୁରଠାରେ ଗୋବନ୍ଧ୍ୟା ନିରାକରଣ ଓ ପ୍ରାଣୀ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ସୁବଳୟା ପ୍ରାଣୀ ଚିକିତ୍ସକ ଡାକ୍ତର ଆକାଶ କୁମାର ସାହୁ, ବୀରମହାରାଜପୁର ପ୍ରାଣୀ ଚିକିତ୍ସକ ଡାକ୍ତର ସ୍ୱାଗତିକା ମିଶ୍ର, ସୋନପୁର ଜିଲା ପ୍ରାଣୀ ଚିକିତ୍ସା ସଂଯୋଜକ ସହଦେବ ଶତପଥୀ ଉପସ୍ଥିତ ରହି ୬୦ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ କର୍ମକର୍ତ୍ତା ଏବଂ ସିଦ୍ଧଗୁରୁ ଦୁଗ୍ଧ ସମବାୟ ସମିତି ସଭାପତି ସତ୍ୟମୋହନ ପଧାନ, ସମ୍ପାଦକ ନବିନ ପଧାନ ଏବଂ ଗୋଚାଷୀ ସହଯୋଗ କରିଥିଲେ।

### ବୌଦ୍ଧ ଜିଲା ଓକିଲ ସଂଘର ସଭାପତି ହେଲେ ଧୂରୀଣ କୁମାର ଦେହୁରୀ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ

**ବୌଦ୍ଧ, ୧୩।୩(ସ୍ୱ.ପ୍ର.):** ସାରା ରାଜ୍ୟରେ ଓକିଲ ସଂଘଗୁଡିକର ନିର୍ବାଚନ ପ୍ରକ୍ରିୟା ଗତ ୪ ତାରିଖଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲା ଓକିଲ ସଂଘରେ



ମଧ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବୌଦ୍ଧ ଜିଲା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି। ଚଳିତବର୍ଷ ପାଇଁ ଜିଲା ଓକିଲ ସଂଘର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଧୂରୀଣ କୁମାର ଦେହୁରୀ ଓ ପୂର୍ଣ୍ଣଚନ୍ଦ୍ର ଦାସ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ବିଶ୍ୱଜିତ ମିଶ୍ର, ସହ ସମ୍ପାଦକ ଅମିତ କୁମାର ପ୍ରଧାନ, କୋଷାଧକ୍ଷ ଭାବେ ଶିବ ପ୍ରସାଦ ପଣ୍ଡା ଓ ଲାଇବ୍ରେରିଆନ ଭାବେ ଅଙ୍କିତା ଶତପଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଜିଲା ଓକିଲ ସଂଘର ନିର୍ବାଚନ ଅଧିକାରୀ ଭାବେ ଯୋଗେଶ ପ୍ରସାଦ ନାୟକ କାର୍ଯ୍ୟ ତୁଲାଇଥିଲେ।

# ଅଙ୍ଗନୱାଡି କର୍ମୀଙ୍କୁ ଢାଲ କରି ସାଇବର ଠକେଇ

**ବରଗଡ଼ ଅଫିସ୍, ୧୩।୩**

ବରଗଡ଼ ଜିଲାରେ ଅଙ୍ଗନୱାଡ଼ି କର୍ମୀଙ୍କୁ ଢ଼ାଲ କରି ଜଣେ ହିତାଧିକାରୀଙ୍କଠାରୁ ୪୫୦୦ ଟଙ୍କା ଠକେଇ ହୋଇଛି। ଏ ନେଇ ସୋମବାର ବରଗଡ଼ ବ୍ଲକ ତୋରା ପଞ୍ଚାୟତ ଧାନ ମିଲ୍‌ପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ବିଦ୍ୟୁତଲତା ଭୋଇ ସ୍ଥାନୀୟ ଟାଉନ ଥାନାରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଗତ ୧୦ତାରିଖ ଦିନ ୧୨ଟା ୨୮ମିନିଟରେ ବିଦ୍ୟୁତଲତାଙ୍କ ମୋବାଇଲ ଫୋନକୁ ଏକ ଅଜଣା ନମ୍ବର ୭୪୫୨୦୪୬୫୪୦ରୁ ଏକ ଆସିଥିଲା । ଅଙ୍ଗନୱାଡ଼ି କେନ୍ଦ୍ର



ପୋଲିସକୁ ଫେରାଦ ହୋଇଥିବା ଅଙ୍ଗନୱାଡ଼ି କର୍ମୀ ।

ଅଧୀନରେ ରହିଥିବା ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ଦେଉନାହଁ ବୋଲି ସମ୍ପୃକ୍ତ ଅଜଣା ଲୋକ କହିଥିଲେ। ପରେ ଠକ ଜଣକ କନଫରେନ୍ସ କରିଥିଲେ ଏବଂ ବିଦ୍ୟୁତଲତାଙ୍କ କଲ୍‌କୁ ମ୍ୟୁଟ୍ କରି ହିତାଧିକାରୀଙ୍କ ସହିତ କଥାବାର୍ତ୍ତା ହୋଇଥିଲେ ଏବଂ ୮ହଜାର ଟଙ୍କା ପାଇବାର ପ୍ରଲୋଭନ ଦେଖାଇଥିଲେ। ଏହାପରେ ହିତାଧିକାରୀଙ୍କଠାରୁ ଗୁଗୁଲ୍ ପେ ମାଧ୍ୟମରେ ସମ୍ପୃକ୍ତ ଠକ ଜଣକ ୪୫୦୦ ଟଙ୍କା ନେଇଯାଇଥିଲେ। ବର୍ତ୍ତମାନ ସମ୍ପୃକ୍ତ ହିତାଧିକାରୀ ତାଙ୍କୁ ସେହି ଟଙ୍କା ଫେରାଇବାକୁ କହୁଥିବା ବିଦ୍ୟୁତଲତା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଠକ ଅନ୍ୟ କିଛି ହିତାଧିକାରୀଙ୍କୁ ମଧ୍ୟ ସେଭଳି ପ୍ରଲୋଭନ ଦେଖାଇଥିବା ସେ ଜାଣିବାକୁ ପାଇଥିବା ବିଦ୍ୟୁତଲତା କହିଛନ୍ତି। ଫଳରେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପୋଲିସକୁ ନିବେଦନ କରିଛନ୍ତି।

# ଖାତା ବୋଝେଇ ଗାଡ଼ିରେ ନିଶା ସାମଗ୍ରୀ, ୩ ଗିରଫ



ଜବତ ସାମଗ୍ରୀ ଓ ଗିରଫ ଅଭିଯୁକ୍ତ।

**ପଦ୍ମପୁର, ୧୩।୩(ଡି.ଏନ.ଏ.)**

ଏକ ଖାତା ବୋଝେଇ ବୋଲେରୋ (ନଂ. ଓଡି୧୭ଭି/୮୬୮୭) ଯୋଗେ କଟକରୁ ବରଗଡ଼କୁ ବ୍ୟାପକ କଫ୍ ସିରପ୍ ଓ ନିଶା ଇଞ୍ଜେକସନ ଚାଲାଣ ବେଳେ ପଦ୍ମପୁର ପୋଲିସ ଚଢାଉ କରିଛି। ଚଢାଉ ବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଦ୍ମପୁର ଶକ୍ତି ନଗରର ବିକି ଓରଫ୍ ଗୁଣନିଧି ସାହୁ, ନେହେରୁଗଳିର ରାକେଶ ନାଏକ ଓ ଅତାବିରା ଥାନା ବାବେବିରା ଗ୍ରାମର ସିଦ୍ଧୁ ଓରଫ୍ ଭୁଗପତି ଭୁଏ। ସେମାନଙ୍କଠାରୁ ବୋଲେରୋ ସମେତ ୧୨୮ ପ୍ୟାକେଟ ଖାତା, ୨୫୬୦ ବୋତଲ କଫ୍ ସିରପ୍, ୬ ନିଶା ଇଞ୍ଜେକସନ, ନଗଦ ୩୦ହଜାର ୧୭୦ଟଙ୍କା, ୩ଟି ମୋବାଇଲ, ଏଟିଏମ କାର୍ଡ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ସହକାରୀ ଉପ ଜିଲାପାଳ ମନୋରଞ୍ଜନ ନାଏକଙ୍କ ଉପସ୍ଥିତିରେ ଜବତ ସାମଗ୍ରୀର ସରଜମିନ ତଦନ୍ତ କରିବା ସହ ଏକ ମାମଲା (ନଂ.୭୩।୨୩) ରୁଜୁକରିଛି। ଏହିବେଆଇନ ନିଶା ବ୍ୟବସାୟରେ ପଦ୍ମପୁରର ଦୁଇ ଜଣ ମୁଖ୍ୟ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ସୂଚନା ଦେଇଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ରୟାଲ ଷ୍ଟାର ଚାମ୍ପିୟନ



ଟ୍ରଫି ସହ ବିଜୟୀ ରୟାଲ ଷ୍ଟାର ଦଳର ଖେଳାଳିଗଣ।

**ଭେଡେନ, ୧୩।୩(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ରଞ୍ଜିତା ଖେଳ ପଡିଆରେ ଏଫ୍‌ସି କ୍ଲବ ଆନୁକୂଲ୍ୟରେ ଚାଲିଥିବା ଷଷ୍ଠ ଭେଡେନ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ରୟାଲ ଷ୍ଟାର ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ରୟାଲ ଷ୍ଟାର ଦଳ ରେକର୍ଡ ବ୍ରେକର ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ରେକର୍ଡ ବ୍ରେକର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୨୩ ରନ୍ କରିଥିଲା। ଜବାବରେ ରୟାଲ ଷ୍ଟାର ଦଳ ୧୪.୫ ଓଭରରେ ୧ଉଇକେଟ ହରାଇ ୧୨୫ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଶିଳ୍ପଦ୍ୟୋଗୀ ସୁରେଶ ରାଜୁ ମୁଖ୍ୟଅତିଥି, ପୂର୍ବତନ ଖେଳାଳି ସନ୍ତୋଷ ପଣ୍ଡା, ବିବିପିଏଲ ଚେୟାରମେନ ସ୍ୱାଧୀନ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୪୦ ହଜାର ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ୍ ଦି ଫାଇନାଲ ଧନଞ୍ଜୟ ମହାକୁର, ମ୍ୟାନ୍ ଅଫ୍ ଦି ସିରିଜ ବିନୋଦ କୁମାର ପଧାନ, ଶ୍ରେଷ୍ଠ କ୍ୟାଚ୍ ସଞ୍ଜୀବ ପରଡିଆ, ଉଇକେଟ କିପର ଚନ୍ଦ୍ରକାନ୍ତ ମୁଗୁରୀ, ଅରେଞ୍ଜ କ୍ୟାପ୍ ବିନୋଦ କୁମାର ପଧାନ, ପର୍ପଲ କ୍ୟାପ୍ ବିଜେତା ସଞ୍ଜୀବ ଧରୁଆ, ଶ୍ରେଷ୍ଠ ଯୁବ ଖେଳାଳି ଶୁଭମ ସାହୁ ଏବଂ ଶୃଙ୍ଖଳିତ ଦଳ ଭାବେ ପାୱାର ହିଟରକୁ ପୁରସ୍କୃତ କରାଯାଇଥିଲା। ପ୍ରସନ୍ନ ଦାଶ, ମୁକ୍ତି ରଞ୍ଜନ ବନଛୋର ଖେଳ ପରିଚାଳନା କରିଥିବା ବେଳେ ଚିନ୍ମୟ ନାଏକ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଥିଲେ। ସୁଜୟ ମେହେର, ରୋହିତ ସୁନା, ସୂର୍ଯ୍ୟକୁମାର ଦେହେରି, ଅଭିଷେକ ପାଣ୍ଡେ ଓ ମହେନ୍ଦ୍ର ସେଟ ସ୍କୋରର ଏବଂ ସଞ୍ଜୟ ମେହେର, କିଶୋର ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ଭୂମିହୀନ ଆଦିବାସୀ ପରିବାରଙ୍କ ସମାବେଶ

**ଜାମଟିକ୍ରା, ୧୩।୩(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ମନାପଡ଼ା ଗ୍ରାମର ଝୁପୁଡ଼ିପଡା ଓ କେନାଲପଡ଼ାର ୭୦ ଭୂମିହୀନ ଆଦିବାସୀ ପରିବାର ସରକାରୀ ଜାଗାରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବସବାସ କରିଆସୁଛନ୍ତି। ହେଲେ ସରକାରଙ୍କ ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସଗୃହ ମଞ୍ଜୁର ହୋଇ ଆସିଲା ପରେ ବି ସେମାନେ ଘର ତିଆରି କରିପାରୁନାହାନ୍ତି। ଏଥିପାଇଁ ସମସ୍ତ ପଡ଼ାବାସୀ ଲିଖିତ ଭାବେ ଅତାବିରା ତହସିଲଦାରଙ୍କୁ ଅଭିଯୋଗ କଲା ପରେ ବି କିଛି ସୁଫଳ ମିଳୁନାହିଁ। ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା କମିଟି ପକ୍ଷରୁ ତ୍ରିଲୋଚନ ଭୁଏଙ୍କ ନେତୃତ୍ୱରେ ସୋମବାର ଭୂମିହୀନ ଆଦିବାସୀ ପରିବାରଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମନାପଡ଼ା ଗ୍ରାମର ଜ୍ୟୋତ୍ସ୍ନାମୟୀ ବାରିକ, ପୂର୍ଣ୍ଣମୀ ମୁଣ୍ଡା, ବାଲ୍ମୀକ ବାରିକ, ଯଦୁମଣି ବରିହା, ବାସୁଦେବ ମିର୍ଦ୍ଧା ଏବଂ ବହୁ ମହିଳା ପୁରୁଷ ଉପସ୍ଥିତ ଥିଲେ। ୧୦ ଦିନ ଭିତରେ ପ୍ରଶାସନ ପଦକ୍ଷେପ ନ ନେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତହସିଲ ସମ୍ମୁଖରେ ଆନ୍ଦୋଳନ କରିବାକୁ ତ୍ରିଲୋଚନ ଭୁଏ ଚେତାବନୀ ଦେଇଛନ୍ତି।

# ପଥପ୍ରାନ୍ତ ନାଟକରେ ମଧୁର ଜଳ ସଂରକ୍ଷଣ ବାର୍ତ୍ତା




ପଥପ୍ରାନ୍ତ ନାଟକରେ କଳାକାରଗଣ।

**ଜାମଟିକ୍ରା, ୧୩।୩(ଡି.ଏନ.ଏ.)**

ମଣିଷ ବଞ୍ଚିବା ପାଇଁ ମଧୁର ଜଳ ନିହାତି ଆବଶ୍ୟକ। କିନ୍ତୁ ଏହା ପ୍ରଚୁର ପରିମାଣରେ ମିଳୁନାହିଁ। ତେଣୁ ଏହାକୁ ସଂରକ୍ଷଣ ଆବଶ୍ୟକ। ଏହିକ୍ରମରେ ବରଗଡ଼ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବର୍ଷାଜଳ ସଞ୍ଚୟ ପାଇଁ ପଥପ୍ରାନ୍ତ ନାଟିକା ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଛି। କୁଲିତାଟୁକୁର, କାଦୋବାହାଲ, ଲରମ୍ଭା, ଅନ୍ଧରିପାଲି, କୁମେଲସିଂହା ଆଦିଗ୍ରାମରେ ସୋମବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇନ୍ଦ୍ରଜିତ ଉର୍ମାଙ୍କ ନିର୍ଦ୍ଦେଶନାରେ କଳାକାରମାନେ ଏହାକୁ ପ୍ରଦର୍ଶନ କରିଥିଲେ। ଜିଲା ଯୁବକେନ୍ଦ୍ର ଅଧିକାରୀ ରୋସନ ଟଣ୍ଡନ ଓ ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥୀଙ୍କ ତତ୍ତ୍ୱାବଧାନ ଏବଂ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ରଙ୍କ ପରିଚାଳନାରେ ଏହି ନାଟିକା ପ୍ରଦର୍ଶନ ହୋଇଥିଲା। ଲିସା ପ୍ରଧାନ ଓ ମନିଷ ପ୍ରଧାନ ସହଯୋଗ କରିଥିଲେ।

# ବରପାଲିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ବରପାଲି, ୧୩।୩(ଡି.ଏନ.ଏ.)**

ବରଗଡ଼ ଜିଲା ବରପାଲିରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପାନୀୟ ଜଳସମସ୍ୟା, ସ୍ୱାସ୍ଥ୍ୟ ସେବା, ପରିମଳ ବ୍ୟବସ୍ଥା, ଗୃହ ଆବଣ୍ଟନ ଆଦି ଉପରେ ପଞ୍ଜୀକୃତ ମୋଟ ୪୪ଟି ଅଭିଯୋଗର ତଦନ୍ତ କରି ସମାଧାନ ପାଇଁ ଜିଲାପାଳ ମନୀଷା ବାନାର୍ଜୀ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ନିଜେ ସମ୍ବଲପୁରୀ ଶାଢ଼ି ପରିଧାନ କରିଥିବା ବେଳେ ସମସ୍ତ ଅଧିକାରୀଙ୍କୁ ସମ୍ବଲପୁରୀ ବସ୍ତ୍ର ପରିଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ଜିଲାପାଳ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସମାଧି ପୀଠ, ନୃପଲାଲ ଉଦ୍ୟାନରେ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ସ୍ଥଳ ବୁଲି ଦେଖିଥିଲେ। ଜିଲାପାଳଙ୍କ ସହ ପ୍ରକଳ୍ପ ନିର୍ଦ୍ଦେଶକ, ତହସିଲଦାର, ବିଡ଼ିଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ପ୍ରତିମୂର୍ତ୍ତି ନିର୍ମାଣସ୍ଥଳ ବୁଲି ଦେଖୁଛନ୍ତି।

# ଇଟାଭାଟିରେ ଦମ୍ପତିଙ୍କ ଝିଅପୁଅ ଅଟକ

**ପଦ୍ମପୁର, ୧୩।୩(ଡି.ଏନ.ଏ.)**

**ମୁକ୍ତି ପାଇଁ ଉପଜିଲାପାଳଙ୍କୁ ଗୁହାରି**

ବାଙ୍ଗାଲୋରରେ ନାବାଳକ ଝିଅପୁଅଙ୍କୁ ଇଟାଭାଟି ମାଲିକ ଅଟକ ରଖିଛନ୍ତି। ସେମାନଙ୍କ ମୁକ୍ତି ପାଇଁ ଉକ୍ତ ନାବାଳକଙ୍କ ମାତାପିତା ଏବେ ପଦ୍ମପୁର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଏକ ଘଟଣା ଘଟିଛି ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅଞ୍ଚଳରେ। ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅମଠି ଗ୍ରାମର ଧନମାଳି ଝରିଆ ଓ ନୀରାବାଇ ଝରିଆ। ଉକ୍ତ ଦମ୍ପତି ନିଜ ୫ ସନ୍ତାନଙ୍କୁ ଧରି ବଲାଙ୍ଗୀର ଜିଲା ବେଲପଡା ଥାନା ମଳିମୁଣ୍ଡା ଗ୍ରାମର ଜଣେ ଦାଦନ ସର୍ଦ୍ଦାରଙ୍କ ମାଧ୍ୟମରେ ବାଙ୍ଗାଲୋରକୁ ଇଟା ଗଢିବା ପାଇଁ ଯାଇଥିଲେ। ୬ମାସ ଇଟା ଗଢ଼ିବା ପରେ ଏହି ଦମ୍ପତି ପାରିଶ୍ରମିକ ମାଗବାରୁ ମାଲିକ ପାରିଶ୍ରମିକ ବଦଳରେ ସେମାନଙ୍କୁ ମାଡ୍‌ପିଟ୍ କରିଥିଲେ। ସେମାନେ ପ୍ରାଣ ବିକଳରେ ଘରକୁ ପଳାଇ ଆସୁଥିବା ବେଳେ ଇଟାଭାଟି ମାଲିକ ଉକ୍ତ ଦମ୍ପତିଙ୍କ ଜଣେ ପୁଅ (୧୨ବର୍ଷ) ଓ ଜଣେ ଝିଅ (୧୦)ଙ୍କୁ ଅଟକ ରଖିଛନ୍ତି। ଫଳରେ ଏହି ଦମ୍ପତି ନିଜ ୩ ସନ୍ତାନ ସହ ଗାଁକୁ ଫେରିବାକୁ ବାଧ ହୋଇଛନ୍ତି। ଗାଁରେ ପହଞ୍ଚିବା ପରେ ସେମାନେ ବାଙ୍ଗାଲୋରରେ ଅଟକ ଥିବା ଝିଅପୁଅଙ୍କୁ ଉଦ୍ଧାର କରିବା ପାଇଁ ପଦ୍ମପୁର ଉପଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ବରଗଡ଼ ଅଫିସ, ୧୩।୩**

ବରଗଡ଼ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ବରଗଡ ବଡ଼ି ବିଲ୍ଡିଂ ଆସୋସିଏଶନ ଓ ଟାଇଗର ଜିମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବରଗଡ଼ର ଭବାନୀ ଶଙ୍କର ପୃଷ୍ଟି ବିଜୟୀ ହୋଇ ମିଷ୍ଟର ବରଗଡ଼-୨୦୨୩ ଆଖ୍ୟା ପାଇଛନ୍ତି। ପ୍ରତିଯୋଗିତାରେ ବିଭିନ୍ନ ଜିମ୍ ଓ କ୍ଲବରୁ ୫୫ ଜଣ ଭାଗ ନେଇଥିଲେ। ୬୦ କେଜି ଓଜନ ବର୍ଗରେ ଟିକେଲାଲ ବାଗ ପ୍ରଥମ, କୃଷ୍ଣା ସାହୁ ଦ୍ୱିତୀୟ ଓ ରିକି ବୁଡେକ ତୃତୀୟ ହୋଇଥିଲେ। ୭୦ କେଜି ଓଜନ ବର୍ଗରେ ପଞ୍ଚାନନ ନାଏକ ପ୍ରଥମ, ବିଦ୍ୟା ସାଗର ଦ୍ୱିତୀୟ ଏବଂ ଚନ୍ଦନ ମହାରଣା ତୃତୀୟ ହୋଇଥିଲେ। ସେହିପରି ୮୦ କେଜି ଓଜନ ବର୍ଗରେ ଭବାନୀ ଶଙ୍କର ପୃଷ୍ଟି ପ୍ରଥମ, ପ୍ରିତମ ଦାଶ ଦ୍ୱିତୀୟ, ଫିରୋଜ ଖାଙ୍କର ତୃତୀୟ ହୋଇଥିଲେ। ପୁରୁଷ ଫିଜିକ (ଜୁନିୟର)ରେ ହିମାଂଶୁ ବାରିକ ପ୍ରଥମ, ଅମିତ ସାହୁ ଦ୍ୱିତୀୟ, ଦରବରାଜ ବରର୍ଡ଼ି ତୃତୀୟ ହୋଇଥିଲେ। ସିନିୟରରେ କୃଷ୍ଣା ସାହୁ ପ୍ରଥମ, ରିକି ବୁଡେକ ଦ୍ୱିତୀୟ ଓ ସୁରେନ୍ଦ୍ର କୁମାର ସାହୁ ତୃତୀୟ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାକୁ ଜିଲା ବଡ଼ି ବିଲ୍ଡିଂ ସଂଘ ସମ୍ପାଦକ କିଶୋର କୁମାର ମିଶ୍ର ପରିଚାଳନା କରିଥିଲେ। ରାଜେଶ ଭୋଇ, ଡୋଲାମଣି ମେହେର, ସୁଜିତ ମହାନ୍ତି, ଲକ୍ଷ୍ମୀ ମିଶ୍ର, ସୁନିଲ ପଟ୍ଟନାୟକ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଣୁ ପ୍ରଧାନ, କାନ୍ତିଲାଲ ଝଗରା, ଆଶିଷ ତ୍ରିପାଠୀ, କିରଣ ସିନ୍ଧ୍ରିଆ, ତ୍ରୈଲୋଚନ ପ୍ରଧାନ, କବି ମହାରଣା, ମନୋଜ ବାଗ ଓ ଟାଇଗର ଜିମ୍‌ର ସଦସ୍ୟ ସହଯୋଗ କରିଥିଲେ।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ସ୍ଥାୟୀ ନିଯୁକ୍ତି ଦାବି, ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍, ୧୩।୩**

ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଦିବ୍ୟାଙ୍ଗଙ୍କୁ ଶିକ୍ଷାଦାନ ପାଇଁ ଭିନ୍ନକ୍ଷମ ଅନ୍ତର୍ନିବେସୀ ଶିକ୍ଷା ସ୍ୱେଚ୍ଛାସେବୀ (ପି.ଏଚ୍.ଆଇ.ଇ.ଭି) ଭାବେ ଦିବ୍ୟାଙ୍ଗମାନଙ୍କୁ ନିଯୁକ୍ତି କରିଛନ୍ତି। ଏହି କ୍ରମରେ ବରଗଡ଼ ଜିଲାରେ ଘରକୁ ଯିବା ସମେତ ଜିଲାର ୨ ବିଦ୍ୟାଳୟକୁ ଶିକ୍ଷାଦାନ ପାଇଁ ଜିଲାର ୫୫ ଦିବ୍ୟାଙ୍ଗଙ୍କୁ ଅବସ୍ଥାପିତ କରାଯାଇଛି। ତେବେ ଦୀର୍ଘ ୧୧ବର୍ଷ ହେଲା ସେମାନେ ଶିକ୍ଷାଦାନ କରିଆସୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସେମାନଙ୍କ ଚାକିରି ସ୍ଥାୟୀ ହୋଇପାରିନାହିଁ। ଏହାକୁ ନେଇ ସମ୍ପୃକ୍ତ ପିଏଚ୍‌ଆଇଇଭିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଦାବିରେ ଜିଲାରେ କାର୍ଯ୍ୟରତ ପିଏଚ୍‌ଆଇଇଭିମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ୬ବର୍ଷ ନିୟମିତ କାର୍ଯ୍ୟ କଲାପରେ ସରକାର ଚାକିରି ସ୍ଥାୟୀ କରୁଛନ୍ତି। କିନ୍ତୁ ପିଏଚ୍‌ଆଇଇଭିମାନେ ଦୀର୍ଘ ୧୧ବର୍ଷ ହେଲା ନିଯୁକ୍ତି ପାଇ ଠିକ୍ ଭାବେ ଶିକ୍ଷାଦାନ ସହିତ କାର୍ଯ୍ୟ ସମ୍ପାଦନ କରିଆସୁଥିଲେ ସୁଦ୍ଧା ସେମାନଙ୍କ ଚାକିରିକୁ ଏଯାଏ ସ୍ଥାୟୀ କରାଯାଇନାହିଁ। ମାସିକ ୪୭୬୦ ଟଙ୍କାରେ ସେମାନଙ୍କ ଦରମା ସୀମିତ ରହିଛି, ଯାହାକି ଜଣେ ମଜୁରିଆର ଦୈନିକ ମଜୁରିରୁ ଯଥେଷ୍ଟ କମ୍ । ୧୧ବର୍ଷର ଅଭିଜ୍ଞତା ଦୃଷ୍ଟିରୁ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ସହିତ ଦୈନିକ ମଜୁରି ହାରରେ ଦରମା ପ୍ରଦାନ ବୃଦ୍ଧି କରିବାକୁ ପିଏଚ୍‌ଆଇଇଭିମାନେ ଦାବି କରିଛନ୍ତି। ଭିନ୍ନକ୍ଷମ ଅନ୍ତର୍ନିବେସୀ ଶିକ୍ଷା ସ୍ୱେଚ୍ଛାସେବୀ ବରଗଡ଼ ଜିଲା ଶାଖା ସଭାପତି ଶାନ୍ତନୁ ଧରୁଆ, ସମ୍ପାଦକ ସୁଷମା ପ୍ରଧାନଙ୍କ ନେତୃତ୍ୱରେ ପିଏଚ୍‌ଆଇଇଭିମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ପିଏଚ୍‌ଆଇଇଭିବୃନ୍ଦ ।

## ସଂକ୍ଷେପରେ

### ଗଳିତ ମୃତଦେହ ଉଦ୍ଧାର

**ଲହୁଣୀପଡ଼ା, ୧୩।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ କରଡା ଗ୍ରାମ ନିକଟସ୍ଥ ଝିରପାଣି ଜଙ୍ଗଲରୁ ପୋଲିସ ସୋମବାର ଏକ ଗଳିତ ମୃତଦେହ ଉଦ୍ଧାର କରି ବଣାଇ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସ ଠାରେ ରଖି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମୃତ ବ୍ୟକ୍ତିଙ୍କ ଆନୁମାନିକ ବୟସ ୫୦/୫୫ ହୋଇଥିବା ବେଳେ ତାଙ୍କର କୌଣସି ପରିଚୟ ମିଳିପାରି ନାହିଁ। ତାଙ୍କର ମୃତ୍ୟୁ ପ୍ରାୟ ୫/୭ଦିନ ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି। ଯାହାକି ମୃତ ଶରୀରର କିଛି ଅଂଶ ଜଙ୍ଗଲୀ ହିଂସ୍ର ଜନ୍ତୁ ଖାଇଦେଇଛନ୍ତି କିମ୍ବା ପଚି ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଉଛି। ଜଙ୍ଗଲ ଭିତରୁ ଗଳିତ ମୃତଦେହ ଉଦ୍ଧାର ହୋଇଥିବାରୁ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡି ନାହିଁ।

### ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର, ୧୩।୩(ଡି.ଏନ୍.ଏ.):** ବ୍ରଜରାଜନଗର ଥାନା ଅନ୍ତର୍ଗତ ବାହାଦୂରପଡ଼ାର ରାଜୁ ପାଣ୍ଡ (୬୦) ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ପରିବାର ସଦସ୍ୟଙ୍କ କହିବାକଥା ଗତ କିଛିଦିନ ହେବ ଶରୀର ଅସୁସ୍ଥ ଥିବାରୁ ମାନସିକ ଭାରସାମ୍ୟ ହରାଇଥିଲେ। ଯେହେତୁ ସେ ଅବିବାହିତ ଥିଲେ ସର୍ବଦା ଚିନ୍ତାରେ ଥିଲେ। ମାନସିକ ଭାରସାମ୍ୟ ହରାଇ ଏପରି କରିଥାଇପାରନ୍ତି ବୋଲି ପ୍ରକାଶ କରିଛନ୍ତି।

### ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା: ୨ ଆହତ

**ଲହୁଣୀପଡା, ୧୩।୩(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ବାଇପାସ ଛକ ନିକଟରେ ସୋମବାର ସକାଳ ପ୍ରାୟ ୭ଟାରେ ଦୁର୍ଘଟଣା ଘଟିଛି। ଦୁଇ ଜଣ ବାଇକ୍ ଆରୋହି ଲାଠିକଟା ଅଭିମୁଖେ ଯାଉଥିବା ସମୟରେ ୧୪୩ ନଂ. ଜାତୀୟ ରାଜପଥର ରାଜାମୁଣ୍ଡା ବାଇପାସ ଛକନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ରାସ୍ତା କାର୍ଯ୍ୟ ଚାଲୁଥିବାବେଳେ ସେଠାରେ ମାଟି ପକାଯାଇଥିଲା। ସେହି ମାଟି ଉପରେ ଭାରସାମ୍ୟ ହରାଇ ବାଇକ୍‌କୁ ଚଢ଼ାଇ ଦେଇ ଦୁର୍ଘଟଣାର ଶିକାର ହୋଇଥିଲେ। ସୂଚନା ଅନୁଯାୟୀ ଲଲେଇ ଗ୍ରାମର ସାହାଲଦ ମୁଣ୍ଡାଙ୍କ ଦୁଇ ପୁଅ ଶଙ୍କରୁ (୨୦) ଓ ସୁନୀଲ (୧୮) ଓଡ଼ି୧୪ଜି - ୮୫୬୦ ବାଇକ୍ ଯୋଗେ ଲାଠିକଟା ମାମୁଁ ଘରକୁ ଯାଉଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ ମଧ ଜଣକର ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ବାଇକକୁ ଜବତ କରିବା ସହ ତଦନ୍ତ କରୁଛି।

### ଯୁବତୀଙ୍କୁ ପ୍ରତାରଣା: ଯୁବକ ଅଟକ

**ଦେବଗଡ, ୧୩।୩(ଡି.ଏନ୍.ଏ.):** ଦେବଗଡ଼ ପୌରାଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ପରେ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର ଓ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତା ଯୁବତୀ ଏନେଇ ରବିବାର ଦେବଗଡ଼ ଥାନାରେ ଲିଖିତ ଜଣାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ଦେବଗଡ଼ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଉକ୍ତ ଘଟଣାରେ ଯୁବକ ଶୁଭମ ସିଂଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା ଜାରି ରଖିଛି। ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।







ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମରେ ସୋମବାର ଭାରତ-ଜର୍ମାନୀ ମ୍ୟାଚ୍ ଥିଲା। ଜଣେ ଭାରତୀୟ ଖେଳାଳି ଦର୍ଶକମାନଙ୍କ ସହ ସେଲ୍‌ଫି ନେଉଛନ୍ତି (ପ୍ରଥମ)। ମ୍ୟାଚ୍ ଦେଖିବା ପାଇଁ ଜଣେ ବୃଦ୍ଧ ଷ୍ଟାଡ଼ିୟମକୁ ଯାଉଛନ୍ତି (ମଝି)। ମ୍ୟାଚ୍ ପୂର୍ବରୁ ଷ୍ଟାଡ଼ିୟମ ବାହାରେ ଜଣେ କୁନି ଶିଶୁ ଗାଲରେ ଭାରତର ଜାତୀୟ ପତାକା ଚିହ୍ନ ଲଗାଉଛନ୍ତି। (ଫଟୋ: ବିବେକ)

# ଗୁଳିମାଡ଼ ଘଟଣାରେ ଅଭିଯୁକ୍ତ ଗିରଫ: ପିସ୍ତଲ, ଗୁଳି ଜବତ

**ବଣାଇଁ/ଟେନ୍‌ସା, ୧୩।୩ (ସ୍ୱ.ପ୍ର./ଡି.ଏନ୍.ଏ.)**

- ଢାବା ମାଲିକଙ୍କୁ ଗୁଳିମାରି ହତ୍ୟା ଘଟଣା
- ମାଙ୍ଗାନିଜ ଚୋରା ଚାଲାଣରୁ ହତ୍ୟାକାଣ୍ଡ

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ମାଲଦାରେ ଢାବା ମାଲିକଙ୍କୁ ଗୁଳିମାଡ଼ କରି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଗୁଳିମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୁଡୁ ଓରଫ ସଦାନନ୍ଦ ମାନକିଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ଘର ଯୋଡା ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଏକ ୭.୬ ଏମଏମ ବୋରର ପିସ୍ତଲ ଓ ୮ ରାଉଣ୍ଡ ଜୀବନ୍ତ ଗୁଳି ପୋଲିସ ଜବତ କରିଛି। ଏନେଇ ସୋମବାର ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।

ମାଲଦାରେ ଗତ ଫେବୃଆରୀ ୨୬ରେ ଗୁଳିକାଣ୍ଡ ଘଟଣାରେ ଢ଼ାବା ମାଲିକଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସହଯୋଗୀ ଗୁରୁତର ହୋଇଥିଲେ। ଢ଼ାବା ମାଲିକ ରମେଶ ଚତମ୍ବା ଓ ତାଙ୍କ ପରିବାର ଢାବା ବନ୍ଦକରି ହୋ ସମାଜର ମୁଖ୍ୟ ମାଘେ ପରବ ମନେଇବାକୁ ଓରାଘାଟ ଯାଇଥିଲେ। ସନ୍ଧ୍ୟାରେ ଢାବା ସଂଲଗ୍ନ ଘରକୁ ଫେରିଥିଲେ। ସେହି ସମୟରେ ଦୁଇ ଜଣ ବାଇକ୍‌ରେ ଆସି ସିଧା ରମେଶଙ୍କୁ ଗୁଳିମାରି ଚାଲି ଯାଇଥିଲେ। ଫଳରେ ରମେଶଙ୍କ ଛାତିରେ ଗୁଳି ବାଜିଥିଲା ଓ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସହଯୋଗୀ ରାମ ପୂର୍ତ୍ତି ଡାହାଣ କାନ୍ଧ ନିକଟରେ ବାଜି ଗୁରୁତର ଭାବେ ଆହତ ହୋଇଥିଲେ।

ଦୀର୍ଘ ୧୬ ଦିନ ପରେ ପୋଲିସ ଘଟଣାର ପର୍ଦ୍ଦାଫାସ କରି ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବାବେଳେ ମାଙ୍ଗାନିଜ ଚୋରା ଚାଲାଣରୁ ଏଭଳିକାଣ୍ଡ ଘଟିଛି ବୋଲି ଜାଣିପାରିଛି। ମୃତ ରମେଶ ଚୋରା ଚାଲାଣର ମୁଖ୍ୟ ଇନଫର୍ମର ଥିଲେ। ତାଙ୍କରି କଥାରେ ଚୋରି ହେଉଥିଲା। ପୂର୍ବ ଶତ୍ରୁତା ଓ ଚୋରା ଚାଲାଣରେ ସମ୍ପୃକ୍ତ ଏକ ଗ୍ୟାଙ୍ଗର ମୁଖ୍ୟ ଗୁଡୁ ଓରଫ ସଦାନନ୍ଦ ଓ ଆଉ ଜଣେ ସହଯୋଗୀ ପ୍ରକାଶ ପାତ୍ର ଆସି ରମେଶଙ୍କୁ ଗୁଳିକରି ହତ୍ୟା କରିଥିଲେ। ରମେଶଙ୍କୁ ରାସ୍ତାରୁ ହଟାଇ ବେଧଡ଼କ ଚୋରା ଚାଲାଣ କରିବା ଉଦ୍ଦେଶ୍ୟ ଥିଲା। ଏବେ ସଦାନନ୍ଦ ଧରା ପଡିଥିବାବେଳେ ପ୍ରକାଶ ଫେରାର୍ ଥିବାରୁ ତଦନ୍ତ ଜାରି ରହିଥିବା ରାଉରକେଲା ଏସ୍‌ପି ଭାମୁ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ଓ ଅନ୍ୟମାନେ।

## ଗୋ-ମାଂସ ବିକ୍ରି ଅଭିଯୋଗରେ ୩ ଗିରଫ



ରିଆମାଳ ପୋଲିସ ଦ୍ୱାରା ଗିରଫ ୩ ଅଭିଯୁକ୍ତ।

**ଦେବଗଡ଼ ୧୩।୩(ଡି.ଏନ.ଏ)**

ରିଆମାଳ ଥାନା ତାଳକୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ମହୁଲଦର୍ହ ଗ୍ରାମରେ ପବିତ୍ର ଦୋଳ ଉତ୍ସବରେ ଗୋରୁ ହତ୍ୟା କରି ମାଂସ ବିକ୍ରି ଘଟଣାରେ ଉକ୍ତ ଦିନଠାରୁ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା। ଏହି ପରିପ୍ରେକ୍ଷୀରେ ରବିବାର ଭାଲିଆ ଗ୍ରାମରେ ୫ଖଣ୍ଡ ଗ୍ରାମବାସୀଙ୍କ ମିଳିତ ବୈଠକରେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ଦୋଷ ସ୍ୱୀକାର କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବାଙ୍କଦର୍ହ ଗ୍ରାମର ମିଖେଲ ଖାଖା, ଆନନ୍ଦ ପ୍ରକାଶ ଖାଖା ଓ ଭାଲିଆ ଗ୍ରାମର ବିରୁ ରୋହିଦାସ। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ମିଳିଥିବା ରିପୋର୍ଟ ମୁତାବକ, ଦୋଳ ଉତ୍ସବ ଦିନ ମହୁଲଦର୍ହ ଗ୍ରାମରେ କେତେକ ବ୍ୟକ୍ତି ଗୋରୁ ହତ୍ୟା କରିଥିବା ସୂଚନା ପାଇ ଭାଲିଆ ଓ ଆଖପାଖ ଅଞ୍ଚଳର କେତେକ ଯୁବକ ଘଟଣାସ୍ଥଳରେ ପହଞ୍ଚିବାରୁ ଉପରୋକ୍ତ ଅଭିଯୁକ୍ତଙ୍କ ସହ ଆଉ କେତେକ ବ୍ୟକ୍ତି ଗୋରୁ କାଟୁଥିବା ଧାରୁଆ ଅସ୍ତ୍ର ଧରି ଯୁବକଙ୍କୁ ଆକ୍ରମଣ ଉଦ୍ଦେଶ୍ୟରେ ଗୋଡ଼ାଇ ଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହେବାସହ ଭଲିଆ ଗ୍ରାମରେ ସରପଞ୍ଚଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିବା ପରେ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ଆଧାରରେ ରିଆମାଳ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ନେହେରୁ ଯୁବ କେନ୍ଦ୍ର ତରଫରୁ ଜିଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୧୩।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ନେହେରୁ ଯୁବକେନ୍ଦ୍ର ତରଫରୁ ସ୍ଥାନୀୟ ମାଦ୍ରିକାଲୋ ଭବନଠାରେ ଜିଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି, ବିଧାୟିକା କୁସୁମ ଟେଟେ ଏବଂ ପୂର୍ବତନ ଏଡିଏମ୍ ନବୀନ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଡ.ଲଳିତରଞ୍ଜନ ସାହୁ, ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ନବୀନ କୁମାର ନାଏକ, ସହକାରୀ ପ୍ରଫେସର ଡ.ବିନୋଦ ବିହାରୀ ମଲ୍ଲିକ, ଓଡିଶା ମିଲେଟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ନିକିତା ମହାପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟତଃ ଜି-୨୦ ଓ ଆତ୍ମୋନିର୍ଭର, ମିଲେଟ ଚାଷ ଓ ମିଲେଟର ଉପକାରିତା ସମ୍ପର୍କରେ ଅବଗତ କରାଯାଇଥିଲା। ଏହା ବ୍ୟତୀତ ଯୁବ ନେତୃତ୍ୱ ଓ ପଡୋଶୀ ଯୁବକଙ୍କ ସହ ମିଳିତ ଭାବେ କାମ କଲେ କିପରି ଆଗକୁ ବଢ଼ିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କବିତା ସାହୁ ସଭା ପରିଚାଳନା କରିଥିଲେ। ସଞ୍ଜିବ ଦଣ୍ଡସେନା, ନିର୍ମଳ ମାଝୀ, ଜ୍ୟୋତି କାଲୋ, ମାଇକେଲ କୁଲୁ, ନଳିନୀ ସୁନିଆ, ତ୍ରିସା ଚନ୍ଦ୍ରା, ମାଳତୀ ସୋରେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ: ୪ ଗିରଫ

**ଦେବଗଡ଼, ୧୩।୩(ଡି.ଏନ୍.ଏ.)**

ଦେବଗଡ଼ ଅବକାରୀ ବିଭାଗ ସମ୍ବଲପୁର ପଟୁ ବାରିପଦା ଅଭିମୁଖ ଯାଉଥିବା ଏକ ଘରୋଇ ବସ ମଧ୍ୟରୁ ବିପୁଳ ପରିମାଣର ବେଆଇନ ଗଞ୍ଜେଇ ଜବତ କରିଛି। ଏଥିସହ ଏ ଘଟଣାରେ ସୁବର୍ଣ୍ଣପୁର ଜିଲାର ୩ଜଣ ଓ ବୌଦ୍ଧ ଜିଲାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଅଧିକ ପରିମାଣର ଗଞ୍ଜେଇ ଜବତ କରାଯାଇଥିବାବେଳେ ବିଭାଗ ପକ୍ଷରୁ କାଗଜପତ୍ରରେ ପ୍ରକୃତ ପରିମାଣ ଦର୍ଶା ନ ଯାଇ କମ ପରିମାଣର ଗଞ୍ଜେଇ ଜବତ କରାଯାଇଥିବା କୁହାଯାଇଛି। ଗଞ୍ଜେଇ ଚାଲାଣ ନେଇ କୌଣସି ସୂତ୍ରରୁ ସୂଚନା ପାଇ ଅବକାରୀ କର୍ମଚାରୀମାନେ ଦେବଗଡ ସହରର ଗଣେଶ ଛକ ନିକଟରେ ଛକି ରହିଥିଲେ। ପ୍ରତ୍ୟୁଷ ପ୍ରାୟ ୪ଟାରେ ବସଟି ସେଠାରେ ପହଞ୍ଚିବା ପରେ ସେଠାରେ ଅଟକାଇ ଯାଞ୍ଚ କରିବାରୁ ବସ ମଧ୍ୟରୁ ୨୦ପ୍ୟାକେଟ ବେଆଇନ ଗଞ୍ଜେଇ ବାହାରିଥିଲା। ଫଳରେ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଗଞ୍ଜେଇକୁ ଜବତ କରାଯାଇଥିଲା। ସେହିପରି ଏହାକୁ ଚୋରା ଚାଲାଣ କରୁଥିବା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳର ଦୂର୍ଗା ନାୟକ, ରାଜେଶ ପୋଢ ଓ ବିବେକା ବେହେରା ଏବଂ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳର କୈଳାଶ ମେଣ୍ଡୁଲିଙ୍କୁ ଗିରଫ କରି ଜିଲା ଅବକାରୀ କାର୍ଯ୍ୟାଳୟକୁ ଅଣାଯାଇଥିଲା।

## ଡକାୟତି ଯୋଜନା ବେଳେ ୬ ଗିରଫ





ଡକାୟତଙ୍କ ନିକଟରୁ ଜବତ ସାମଗ୍ରୀ।

**ଦେବଗଡ଼, ୧୩।୩(ଡି.ଏନ୍.ଏ.)**

ଏରାଗୋଳା ଗ୍ୟାଙ୍ଗର ୬ଜଣ ଡକାୟତକୁ ଦେବଗଡ଼ ଆଦର୍ଶ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲାର ଆସ୍କା ଥାନା ପଣ୍ଡିଆପଥର ଗ୍ରାମର ବାବୁଲା ଦାଶ(୪୦), ଏ ସନ୍ତୋଷ(୧୯), ମରିଡମ ନଗରର ଜଣେ, ବୁଗୁ ଥାନାଞ୍ଚଳର ଶିବ ଚୌଧୁରୀ (୪୧), ପି କ୍ରିଷ୍ଣା ରାଓ (୩୫), ସୋର ଥାନାର କଇଥପାଲି ସାହିର ଜଣେ। ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ଥିବାବେଳେ ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଏସିଡ ଭର୍ତ୍ତି ବୋତଲ, ମଦ ବୋତଲ ସହ ୨ଟି ଲୁହା ଛଡ଼, ଛୁରୀ, ପ୍ଲାଷ୍ଟିକ ରସି ଓ ୭ଟି ମୋବାଇଲ ଫୋନ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଦେବଗଡ଼ ଥାନା ଅଞ୍ଚଳର ସାମନ୍ତରାପାଲି ଗ୍ରାମ ନିକଟସ୍ଥ ରାଞ୍ଚି - ବିଜୟୱାଡା ରାଜପଥ କଡ଼ରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟସ୍ଥ ପଡ଼ିଆରେ ମାରଣାସ୍ତ୍ର ସହ କେତେକ ଯୁବକ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇଥିଲା। ସୂଚନା ପାଇବା ପରେ ଦେବଗଡ଼ ଥାନା ପୋଲିସ ସଦଳବଳେ ସେଠାରେ ଚଢ଼ାଉ କରି ସେଠାରେ ମଦ୍ୟପାନ କରୁଥିବା ୬ଜଣ ଡକାୟତଙ୍କୁ କାବୁ କରିଥିଲେ। ସେହିପରି ସେମାନେ ଏଠାକୁ ଆସିବାବେଳେ ଭୁବନେଶ୍ୱରରୁ ଏକ ସ୍କୁଟି ଓ ତାଳଚେର ଅଞ୍ଚଳରୁ ଲୁଟି ଆଣିଥିବା ଏକ ହୋଣ୍ଡା ସାଇନ ବାଇକ୍‌କୁ ମଧ ପୋଲିସ ଜବତ କରିଛି। ଏହି ଗ୍ୟାଙ୍ଗ ରାଜ୍ୟର ବିଭିନ୍ନ ଜିଲାରେ ଲୁଟ ଓ ଡକାୟତି କରୁଥିବାବେଳେ ସେମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ୫-ଟି ସଚିବଙ୍କୁ ସୁନ୍ଦରଗଡ଼ ନାଗରିକ କମିଟି ପକ୍ଷରୁ ଦାବିପତ୍ର

**ସୁନ୍ଦରଗଡ଼, ୧୩।୩(ଡି.ଏନ.ଏ.)**

୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ଗସ୍ତ ଅବସରରେ ରବିବାର ସୁନ୍ଦରଗଡ଼ ନାଗରିକ କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ସାକ୍ଷାତ କରିଥିଲେ। ଏନ୍‌ଟିପିସି ମେଡ଼ିକାଲ କଲେଜ ଓ ହସପିଟାଲକୁ ଏମ୍ସ କରିବାକୁ ପଦକ୍ଷେପ ନେବା ଓ ଅନ୍ୟାନ୍ୟ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ବିଜୁଳି ବନ୍ଧ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା, ଆଦିବାସୀ କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ଥିମ ପାର୍କର ପୁନରୁଦ୍ଧାର ସହ ଏହାକୁ ଏକ ଆଦିବାସୀ ସଂଗ୍ରାହାଳୟରେ ପରିଣତ କରାଯିବା, ପାରିଜାତ କାନନ ତଥା ଜୁବୁଲି ପାର୍କର ପୁନରୁଦ୍ଧାର, ତତ୍କାଳୀନ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କ ପ୍ରତିଶ୍ରୁତି ମୁତାବକ ଏନ୍‌ଟିପିସି ମେଡ଼ିକାଲ କଲେଜକୁ ଯଥାଶୀଘ୍ର ୨୦୯ ଏକର ଜମି ଯୋଗାଇଦେବା, ସୁନ୍ଦରଗଡ଼ ସରକାରୀ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା, ପୌରାଞ୍ଚଳର ମାଷ୍ଟରପ୍ଲାନ ପ୍ରସ୍ତୁତ ସହ ଡ୍ରେନେଜ ବ୍ୟବସ୍ଥାର ସୁଦୃଢ଼ୀକରଣ, ସୁନ୍ଦରଗଡ଼ ସହରବାସୀଙ୍କ ପାନୀୟ ଜଳ ସଙ୍କଟ ଦୂର ପାଇଁ ଇବ୍ ନଦୀରେ ବ୍ୟାରେଜ ନିର୍ମାଣ, ଇବ୍ ନଦୀରେ ରିଙ୍ଗ ରୋଡ ନିର୍ମାଣ, ଟ୍ରାନ୍ସପୋର୍ଟ ନଗରର ନିର୍ମାଣ ସହ ନୂଆ ବସଷ୍ଟାଣ୍ଡଠାରୁ ଆମ୍ବିଆନସ ହୋଟେଲ ପର୍ଯ୍ୟନ୍ତ ବେଆଇନ ଗାଡି ପାର୍କିଂ ଉଚ୍ଛେଦ ଆଦି ଦାବି କରାଯାଇଛି।

# ମହିଳାଙ୍କ ଆଇନଗତ ଅଧିକାର ଆଲୋଚନାଚକ୍ର

**ରାଉରକେଲା ଅଫିସ, ୧୩।୩**

ପାନପୋଷ ତାଲୁକ ଆଇନ ସେବା କମିଟି ମହିଳାମାନଙ୍କ ଅଧିକାର ସମ୍ପର୍କିତ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ମନୋଜ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗିରିଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିବାହ ବିଚ୍ଛେଦଜନିତ ଭରଣପୋଷଣ, ନାରୀର ଅଧିକାର ଯୌତୁକଜନିତ ମୃତ୍ୟୁ, ବଳାତ୍କାର ଏବଂ ଯୌନ ଶୋଷଣ ଉପରେ ଥିବା ଆଇନଗତ ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ବକ୍ତା ଆରତୀ ଚୌଧୁରୀ ଯୌନ ଅଭିଯୋଗ ଜନିତ ଆଇନ, ଗର୍ଭାବସ୍ଥାରେ ଛୁଟି ଓ ଅଧିକାର ସହ ନାରୀମାନଙ୍କ ବିଭିନ୍ନ ଅଧିକାର ବିଷୟରେ ଆଲୋଚନା କରିଥିଲେ। ସିଭିଲ ଜଜ୍ ଚିତ୍ତରଞ୍ଜନ ମିଶ୍ର, ଏସ୍‌ଡିଜେଏମ୍ ଅରୋଲିପି ପରିଜା, ରୁରାଲ ଜେଏମ୍‌ଏଫ୍‌ସି ସୌରଭ ଶର୍ମା, ଆଇନଜୀବୀ ଦଣ୍ଡପାଣି ଚୌଧୁରୀ, ନିର୍ମଳ ସ୍ୱାଇଁ, ପାଣ୍ଡବ ପାତ୍ର, ସମୀର ପ୍ରଧାନ ଓ ମାନସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ମହିଳା ଆୟୋଗର ବିଦ୍ୟୁତ ମିଶ୍ର ସହଯୋଗ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

# ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

**ସୁନ୍ଦରଗଡ଼, ୧୩।୩(ଡି.ଏନ.ଏ.)**

ମାର୍ଚ୍ଚ ୩ ରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏନଟିପିସି ଦର୍ଲିପାଲି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ଉତ୍ସବର ବିଷୟବସ୍ତୁ ଡିଜିଟାଲ: ଲିଙ୍ଗ ସମାନତା ପାଇଁ ଅଭିନବତା ଏବଂ ପ୍ରଯୁକ୍ତି ବିଦ୍ୟା। କର୍ମଚାରୀ ବିକାଶ କେନ୍ଦ୍ରରେ ଏହି ଅବସରରେ ମହିଳା ଠିକା ଶ୍ରମିକଙ୍କ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ମହିଳାଙ୍କ ଅଧିକାର ସମ୍ପର୍କରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏତଦ୍ ବ୍ୟତୀତ ମାର୍ଚ୍ଚ ୬ରେ ସୁନ୍ଦରଗଡ ଉତ୍କଳ କରାଟେ ସ୍କୁଲ ପ୍ରଶିକ୍ଷକଙ୍କ ଦ୍ୱାରା ଆତ୍ମରକ୍ଷା କୌଶଳ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଥିଲା। ଏଥିରେ ୩୫ ମହିଳା କର୍ମଚାରୀ ଭାଗ ନେଇଥିଲେ। ୧୧ତାରିଖରେ ମହିଳା କର୍ମଚାରୀଙ୍କ ପାଇଁ ଏକା ଅନ୍ତାକ୍ଷରୀ ଓ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା। ଏଥିରେ ଏନଟିପିସି ଦର୍ଲିପାଲିର ସିଜିଏମ ଏ.କେ. ଟଣ୍ଡନ ଯୋଗଦେଇ ମହିଳା କର୍ମଚାରୀଙ୍କ ସହ ବାର୍ତ୍ତାଳାପ କରି କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ଯୋଗଦାନ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ମହିଳା କର୍ମଚାରୀମାନଙ୍କୁ ଏନଟିପିସି ଦର୍ଲିପାଲିର ବରିଷ୍ଠ ଅଧିକାରୀମାନେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର ମହାପ୍ରବନ୍ଧକ(ଓଏଣ୍ଡଏମ) ଏନ ଚକ୍ରବର୍ତ୍ତୀ, ଟି.କେ ବାଗେଶ୍ୱର ମହାପ୍ରବନ୍ଧକ(ଟିଏସ), ବିଶାଳ ମାଥୁର ମହାପ୍ରବନ୍ଧକ (ପରିଯୋଜନା) ଯୋଗ ଦେଇ ମହିଳା କର୍ମଚାରୀମାନଙ୍କ ସହିତ ବାର୍ତ୍ତାଳାପ କରି ଉତ୍ସାହିତ କରିଥିଲେ।



ଏନଟିପିସି ଦର୍ଲିପାଲି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସରେ ଉପସ୍ଥିତ ଅତିଥି।

